ଖଣ୍ଡ ୨ ସଂଖ୍ୟା ୨ ଏପ୍ରେଲ୍ – ଜୁନ୍ ୨୦୦୩

ଆଇ ଏସ୍ ଏସ୍ ଏନ : ୧୬୮୫ – ୪୦୧୨

STREAM

NACA

## ସାପୋଟ୍ ଟୁ ରିଜିଓନାଲ୍ ଏକୁଏଟିକ୍ ରିସୋର୍ସେସ୍ ମେନେଜମେଣ୍ଟ

# ଷ୍ଟ୍ରୀମ୍ ପତ୍ରିକା

**ମତ୍ସ୍ୟଜିବି ଏବଂ କୃଷକ ମାନଙ୍କର ଜିବୀକା ବିଷୟରେ ଜାଣିବା ଏବଂ ଯୋଗାଯୋଗ କରିବା**

ଷ୍ଟ୍ରୀମ୍ ଇନିସିଏଟିଭ୍କୁ ସାହାଯ୍ୟ କରେ ଅସ୍ ଏଆଇଡ଼ି, ଡ଼ି.ଏଫ୍ ଆଇଡ଼ି, ଏଫ୍ ଏଓ ନାକା, ଭି.ଏସ୍ଓ.

କ୍ଷ୍ଣିମ୍ ଇନିସିଏଟିଭ୍ ଦ୍ଵାରା ପ୍ରକାଶିତ, ନେଟ୍‌ୱାର୍କ ଅଫ୍ ଆକ୍ଵାକଲ୍‌ଚର୍ ସେଣ୍ଟର୍ସ ଇନ୍ ଏସିଆ ପେସିଫିକ୍, ସୁରାସ୍ଵାଦି ବିଲ୍‌ଡ଼ିଙ୍ଗ, ମତ୍ସ୍ୟଚାଷ ବିଭାଗ, କାସେଟ୍‌ସାର୍ଟ କ୍ୟାମ୍ପସ୍ ଲେଡ଼ିଆଓ, ଜାଟୁଜାକ୍, ବ୍ୟାଙ୍କକକ୍, ଥାଇଲାଣ୍ଡ ।

ପ୍ରତିଲେଖା (ସୀ) ନାକା କ୍ଷ୍ଣିମ୍ ଇନିସିଏଟିଭ

ଶିକ୍ଷା ଏବଂ ଅନ୍ୟ ଅଣ–ବ୍ୟବସାୟିକ ଯୋଜନା ପାଇଁ ଏହି ପ୍ରକାଶନର ପୁନଃ ଉତ୍ପାଦନ ହୋଇପାରିବ କେବଳ ଅଧିକାର ପ୍ରାପ୍ତ ପ୍ରକାଶକର ପୂର୍ଣ୍ଣ ସ୍ଵୀକୃତି ଥିଲେ ।

ଏହି ପ୍ରକାଶନର ପୁନଃ ଉତ୍ପାଦନ, ବିକ୍ରୀ କିମ୍ବା ଅନ୍ୟ ବ୍ୟବସାୟୀକ ଉଦ୍ଦେଶ୍ୟ କରିବା ପାଇଁ ମନା, ଯଦି ଅଧିକାର ପ୍ରାପ୍ତ ପ୍ରକାଶକର ସ୍ଵୀକୃତି ନଥାଏ ।

କ୍ଷ୍ଣିମ୍ ଜର୍‌ନାଲରୁ ଏକ ଉଦାହରଣ ନିଆଗଲା ।

ସୋନ୍‌ତୋଷ୍ ଆର୍ ୨୦୦୨, ପରସ୍ପର ପାଖରୁ ବିବାଦ ବିଷୟରେ ଶିକ୍ଷା କରିବା କ୍ଷ୍ଣିମ୍ ଜରନାଲ ୧(୧), ୧–୨

# ସୂଚି ପତ୍ର


ଜୀବିକା ନିର୍ବାହ ଏବଂ ଭାଷା – ସ୍ୱାର୍କ – ଷ୍ଟ୍ରୀମ୍‌ର ଏକ ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତି ୧
କାଥ କୋପଲେ ଏବଂ ଉଇଲିୟମ ସେଭେଜ୍

ଜୀବିକା ନିର୍ବାହର ବୁଝାମଣା ସନ୍ଦର୍ଭରେ ବ୍ୟାପକ ପ୍ରସାର ଦିଗରେ ୩
ଏଲିଜାବେଥ ଏମ୍ ଗଞ୍ଜାଲେସ୍, ନୁଏନ୍ ସଂଗହା, ରୁବୁ ମୁଖାର୍ଜୀ, ନିକାନ୍ତ ପୋଖରେଲ ଏବଂ ସେମ୍ ଭିରିୟାକ୍
ଉପକରଣକୁ ବ୍ୟବହାର କରିବା ବୁଝାମଣାରେ ସହଯୋଗୀ ହେବାପାଇଁ ଏକ ଦୀର୍ଘସ୍ଥାୟୀ ୫
ଜୀବିକା ନିର୍ବାହର ନମୁନା ବ୍ୟବହାର କରିବା ଶିକ୍ଷା ପାଇଁ
ନୁଚ୍ ଜାରୀ ଲାଙ୍ଗକୁଲ୍ ସାନେ

ଜୀବିକା ନିର୍ବାହ ପାଇଁ ରତନ ବିଷୟରେ ଶିକ୍ଷା ଲାଭ ୭
ମେରିଏଲ୍ ଡ଼ି ଜିଜାସ୍ ଏବଂ କ୍ରିସ୍‌ଟିନା ବେନ୍‌ତୁଗ
"ଗୋଷ୍ଠି ପରିଚ଼ାଳନା ଅଞ୍ଚଳର" ଅର୍ଥ ୯
ଏରିଫ ଏଲିଆଡ଼ି
ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତି ଉପରେ ପ୍ରାପ୍ତ ଶିକ୍ଷା ୧୧
ଗ୍ରାହମ ହେଲର ଏବଂ ରୋନେଟ୍ ସନ୍ତୋଷ

ଷ୍ଟ୍ରୀମ୍ ସଂବାଦ ସଂପର୍କରେ ୧୩

ଷ୍ଟ୍ରୀମ୍ ସମ୍ପର୍କରେ ୧୪


## ସଂକ୍ଷିପ୍ତ ବିବରଣୀ

ମତ୍ସ୍ୟ ଜୀବି ଏବଂ କୃଷକ ମାନଙ୍କର ଜୀବନି ବିଷୟରେ ଶିକ୍ଷା ଏବଂ ଯୋଗାଯୋଗ ମାଧ୍ୟମରେ ଜାଣିବା । ଷ୍ଟ୍ରୀମ୍ ପତ୍ରିକାର ମଲାଟ ପୃଷ୍ଠାକୁ ପଢ଼ନ୍ତୁ । ଷ୍ଟ୍ରୀମ୍ ପତ୍ରିକାର ଏହି ସଂଖ୍ୟା ହେଉଛି ୨୨ ଜଣ ସହକର୍ମୀଙ୍କର ପ୍ରବନ୍ଧର ସଂଗ୍ରହ ଯାହା ଦ୍ୱାରା ସେମାନେ ଲକ୍ଷକୁ ଅଭ୍ୟାସରେ ପରିଣତ କରିପାରିଛନ୍ତି । ଷ୍ଟ୍ରୀମ୍ ଏହି ଦିଗରେ କାର୍ଯ୍ୟ କରୁଛି ଭିଏସ୍‌ଓ ଏବଂ ତାର ସ୍ୱାର୍କ[୧] ଟିମ୍ ସହିତ, ସ୍ୱାର୍କ – ଷ୍ଟ୍ରୀମ୍‌ର ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତିର ମାଧ୍ୟମରେ, ଦୁଇଟି କର୍ମଶାଳା ଏବଂ ଅନେକ କଥୋପକଥନ ହୋଇଛି ଦେଶ ମାନଙ୍କର ଅଂଶଧାରକ ଓ ଅଂଶ ଗ୍ରହଣକାରୀଙ୍କ ମଧ୍ୟରେ ଜୀବିକା ନିର୍ବାହ ଓ ଭାଷା ସମ୍ବନ୍ଧରେ ଏହି ସଂଗ୍ରହ ପୂର୍ଣ୍ଣ କରାଯାଇଛି ୬ ଗୋଟି ଗଳ୍ପ ମାଧ୍ୟମରେ ଯେପରି ଏହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଢ଼ାଯାଇ ପାରିବ । ପ୍ରଥମ ପ୍ରବନ୍ଧରେ ଏହାର ଆଭ୍ୟନ୍ତରୀଣ ବିଷୟ ବର୍ଣ୍ଣନା କରାଯାଇଛି ପୁଣି ଏଥିରୁ ଆମେ କଣ ଶିକ୍ଷା ପ୍ରାପ୍ତ କଲୁ ଓ ଏହାର ମୂଲ୍ୟ ବିଷୟରେ । ୨ୟ, ତୃତୀୟ, ଚ଼ତୁର୍ଥ ଏବଂ ପଞ୍ଚମ ପ୍ରବନ୍ଧ ଜଣେ ଅଥବା ଅଧିକ, ଷ୍ଟ୍ରୀମ୍ ଏବଂ ସ୍ୱାର୍କର ଥାଇଲେଣ୍ଡ, ଫିଲିପାଇନ୍‌ସ ଏବଂ ଇଣ୍ଡୋନେସିଆର ସହକର୍ମୀଙ୍କ ଦ୍ୱାରା ଲିଖିତ । ସେମାନେ ଏହି ପଦ୍ଧତିର ସଫଳତା ଓ ଉପକରଣ ବିଷୟ ଲେଖିଛନ୍ତି । ପାଠକ ମାନେ ଏହି ସଂକଳନର ଶେଷ ପୃଷ୍ଠାରେ ଥିବା ଚ଼ିତ୍ରକୁ ଧ୍ୟାନ ପୂର୍ବକ ଦେଖନ୍ତୁ, ସେଥିରେ ଜୀବିକା ନିର୍ବାହ ପାଇଁ ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତି ବିଷୟରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଷ୍ଟ୍ରୀମ୍ ପତ୍ରିକାର ଖଣ୍ଡ ୧ ସଂଖ୍ୟା ୪ରେ ଜୀବିକା ନିର୍ବାହର ସମୀପବର୍ତ୍ତୀ ହେବା ଓ ବିଶ୍ଳେଷଣ ଉପରେ ନଭେମ୍ବର ୨୦୦୨ରେ ଭିଏତ୍‌ନାମର ଲଙ୍ଗ ଏନ୍ ଠାରେ ଏକ କର୍ମଶାଳା ହୋଇଥିଲା । ସେ ବିଷୟରେ ବର୍ଣ୍ଣନା କରାଯାଇଛି ।

ଆମ୍ଭେମାନେ ଏଫ୍‌ଏଓ[୨] ପାଖରେ କୃତଜ୍ଞ କାରଣ ଏହା ଜୀବିକା ନିର୍ବାହ ସମ୍ବନ୍ଧିୟ କାର୍ଯ୍ୟରେ ଭାଷା ଏକ ପ୍ରଧାନ ସମସ୍ୟା ବୋଲି ସ୍ୱୀକୃତି ଦେଲା ଏହାର ସ୍ୱାର୍କ – ଷ୍ଟ୍ରୀମ୍ ପଦ୍ଧତି ଦ୍ୱାରା । ବିଶେଷ ଧନ୍ୟବାଦ ଜଣାଉଛୁ ସାଇମନ୍ ଫାଙ୍ଗି ସ୍ମିଥ୍‌ଙ୍କୁ ତାଙ୍କର ଉତ୍ସାହ ଏବଂ ମାର୍ଗ ଦର୍ଶନ ପାଇଁ, ସେ ହେଉଛନ୍ତି ଏଫ୍‌ଏଓର ରିଜିଓନାଲ୍ ଏକୁଆକାଲଚ଼ାର ଅଫିସର ।

ପଠନ ସୁଖମୟ ହେଉ !

ଗ୍ରାହମ ହେଲର, ଷ୍ଟ୍ରୀମ ନିର୍ଦ୍ଦେଶକ

ଉଇଲିୟମ ସେଭେଜ୍ ଷ୍ଟ୍ରୀମ ପତ୍ରିକା ସଂପାଦକ

୧ – ଭଲାନ୍‌ଟାରି ସାରଭିସ୍ ଓଭାରସିଜ୍, ସେୟାରିଂ ଏଣ୍ଡ ପ୍ରୋମସନ୍ ଅଫ ଏୱାରନେସ୍ ଏଣ୍ଡ ରିଜିଓନାଲ୍ ନଲେଜ ।

୨ – ଫୁଡ୍ ଏଣ୍ଡ ଏଗ୍ରୀକାଲଚ଼ାର ଅରଗାନାଇଜେସନ୍ ଅଫ୍ ଦି .ୟୁନାଇଟେଡ୍ ନେସନସ୍ ।

# ଜୀବିକା ନିର୍ବାହ ଏବଂ ଭାଷା - ସ୍ୱାର୍କ - ଷ୍ଟ୍ରୀମ୍‌ର ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତି

କାଥ କୋପଲେ ଏବଂ ଉଇଲିୟମ୍ ସେଭେଜ୍

## ଏକ ପଦ୍ଧତି, ଦୁଇଟି କର୍ମଶାଳା

ଏପ୍ରେଲ ୨୦୦୩ ମସିହାରେ ସ୍ୱାର୍କ[୩] ଏବଂ ଷ୍ଟ୍ରୀମ୍[୪]ର ମିଳିତ ସହଯୋଗରେ ଭାଷା ଓ ଜୀବିକା ନିର୍ବାହକୁ ବିଶ୍ଳେଷଣ କରି ଭାଷାକୁ କିପରି ଅନ୍ୟମାନଙ୍କ ସହିତ ଯୋଗାଯୋଗ କରାଯାଇ ପାରିବ ତାହା ଯେଉଁମାନଙ୍କ ସହିତ ଆମ୍ଭେମାନେ କାର୍ଯ୍ୟ କରୁଛୁ ସେମାନଙ୍କ ଜୀବନ ଶୈଳିକୁ ଦେଖି ବାହାର କରାଯାଇଥିଲା । ଦୁଇ ମାସ ମଧ୍ୟରେ[୫] ୨ଟି ୩ଦିନିଆ କର୍ମଶାଳା[୬] ଆୟୋଜନ କରାଯାଇଥିଲା । ଏହି ପ୍ରକ୍ରୀୟାର ମୁକ୍ଷ ଲକ୍ଷ ଥିଲା, ଅଂଶ ଗ୍ରହଣକାରୀଙ୍କ ମଧ୍ୟରେ ବୁଝାମଣା, ଲକ୍ଷ୍ୟ ଏବଂ ପଦ୍ଧତି ଓ ସେମାନଙ୍କର ବିଷୟରେ ବୁଝିବା, ଭାଷା ମାଧ୍ୟମରେ ଉତ୍ସାହ ସୃଷ୍ଟି କରିବା, ଅଂଶ ଗ୍ରହଣ କରିବା ଓ କ୍ଷମତା ପ୍ରଦାନ କରିବା । ଏହି ପ୍ରକ୍ରୀୟା ଫଳରେ ଆମେ ପ୍ରାରମ୍ଭରୁ ଚ଼ିନ୍ତା କରିଥିଲୁ ୧୪ଟି ଆଞ୍ଚଳିକ ଦେଶ ମାନଙ୍କର ଭାଷା ଗୁଡ଼ିକ[୭]ମଧ୍ୟରେ ଗୋଟିଏ "ଜୀବନଧାରା ଓ ଭାଷା ସୃଷ୍ଟି" କରିବା ପାଇଁ ।

ଆମ୍ଭ ମାନଙ୍କର କାର୍ଯ୍ୟ ଅନୁଭୂତିରୁ ୨ଟି କର୍ମଶାଳା କରାଯିବାର ଯଥାର୍ଥତା ମନେ କରାଯାଇଥିଲା । ବ୍ୟକ୍ତି ବିଶେଷ ଏବଂ ଗୋଷ୍ଠି ମଧ୍ୟରେ ଭାବର ଆଦାନ ପ୍ରଦାନରେ ବହୁତ ଅସୁବିଧା ଥିବାର ନଜିର ଅଛି । ଉଦାହରଣ ସ୍ୱରୁପ : ଗୋଟିଏ ସଭାରେ ପ୍ରତ୍ୟେକ ଲୋକ ଜୀବିକା ନିର୍ବାହ ବିଶ୍ଳେଷଣ ଉପରେ ବକ୍ତବ୍ୟ ଦେଉଥିଲେ କିନ୍ତୁ ଏହାର ଏକ ଅସୁବିଧା ଥିଲା । ଅଂଶ ଗ୍ରହଣ କରୁଥିବା ଲୋକମାନେ ବିଷୟ ବସ୍ତୁର ସର୍ତ୍ତ ଗୁଡ଼ିକୁ ଇଂରାଜୀରେ ବ୍ୟବହାର କରୁଥିଲେ, ତେଣୁ ପ୍ରତ୍ୟେକଙ୍କର ବକ୍ତବ୍ୟକୁ ଲୋକମାନେ ସମ ପରିମାଣରେ ବୁଝି ପାରୁନଥିଲେ । ଲୋକ ମାନେ ଗୋଟିଏ ଭାଷାରେ ତାଙ୍କର ବକ୍ତବ୍ୟ କହିଲା ବେଳେ ଅନ୍ୟମାନେ କି ଉଦ୍ଦେଶ୍ୟରେ ବୁଝାଉଥିଲେ ତାହା ବୁଝିପାରୁନଥିଲେ । ଭାଷା ବ୍ୟବହାର କରିବା ଏବଂ ଲୋକମାନେ ଅନ୍ୟ ଅର୍ଥରେ ବୁଝିବା ହେଉଛି ପ୍ରକୃତ ସମସ୍ୟା । ଏହାକୁ ଦୃଷ୍ଟିରେ ରଖି ଲୋକମାନେ କିପରି ଭାବରେ ବିଷୟ ବସ୍ତୁକୁ ବୁଝିବେ ସେଥିପ୍ରତି ସଚ଼େତନ ହେବା ଆବଶ୍ୟକ । ଏହା କଦାପି ଆଶା କରିବା କଥା ନୁହେଁ ଯେ ଲୋକମାନେ ଶବ୍ଦର ଅର୍ଥ ନିଜ ଭିତରେ ଭାବର ଆଦାନ ପ୍ରଦାନ ଦ୍ୱାରା ବୁଝି ପାରିବେ ଅଥବା ଏହି ଉପାୟରେ ଯୋଗାଯୋଗ କରି ପାରିବେ ତେଣୁ ଏ ବିଷୟରେ ବିଶେଷ ଜାଗୃତି ରହିବା ଆବଶ୍ୟକ ।

ଏହି "ମାର୍ଗ ଦର୍ଶନ" ଗୁଡ଼ିକ କଣ ଥିଲା ?

ଆମ୍ଭେମାନେ ଯେତେବେଳେ ଲୋକଙ୍କର ଜୀବିକା ନିର୍ବାହ ଓ ଭାଷା ନେଇ ଚ଼ିନ୍ତା କଲୁ ଆମ୍ଭେମାନେ ସଠିକ୍ ଭାବରେ ବୁଝି ପାରିଲୁ ନାହିଁ ଏହା କିପରି ହେବ ? କେତେକ ଅଂଶ ଗ୍ରହଣକାରୀ ଭାଷାକୋଷ ବ୍ୟବହାର କରି ବୁଝାଇବା ପାଇଁ ଚ଼େଷ୍ଟା କରିଥିଲେ ମଧ୍ୟ ଏହା ଆକ୍ଷରିକ ଭାବରେ ଲୋକଙ୍କ ପାଖରେ ବୁଝାପଡ଼ିନଥିଲା । ତେଣୁ ଲୋକଙ୍କ ସହିତ ଆଲୋଚ଼ନା ମାଧ୍ୟମରେ ଆମ୍ଭେମାନେ କଣ ଚ଼ାହୁଁ ଏବଂ କି ଭାବରେ ବୁଝାଇଲେ ଲୋକମାନେ ବୁଝି ପାରିବେ ତା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ମନେକଲୁ । କେବଳ ପରିଭାଷା ସଂଗ୍ରହ ନକରି ଭାଷାର ଅର୍ଥକୁ ତାର ଭିନ୍ନତା ଓ ସମାନତା ଦୃଷ୍ଟିରୁ ବୁଝିବା ଅଧିକ ମୂଲ୍ୟବାନ୍ । ପ୍ରତ୍ୟେକ ବାର୍ତ୍ତାଳାପ ସମୟରେ ଆମକୁ ଏହା

---

୩ – ଜାଗୃତିରେ ଅଂଶ ଗ୍ରହଣ ଏବଂ ଉନ୍ନତି ଏବଂ ଆଞ୍ଚଳିକ ଜ୍ଞାନ (ସ୍ୱାର୍କ)

୪ – ସାପୋର୍ଟ ଟୁ ରିଜିଓନାଲ ଏକୁଏଟିକ୍ ରିସୋରସେସ୍ ମେନେଜମେଣ୍ଟ

୫ – ଦିତୀୟ ସ୍ୱାର୍କ – ଷ୍ଟ୍ରୀମ୍ କର୍ମଶାଳା ଜୀବିକା ନିର୍ବାହ ଏବଂ ଭାଷା ଉପରେ ହୋଇଥିଲା ଯାହାକି ଏଫ୍ଏଓର ଟେକ୍‌ନିକାଲ୍ କରପୋରେସ୍ ପ୍ରୋଗ୍ରାମ୍ ଦ୍ୱାରା ସାହାଯ୍ୟ ପାଇଥିଲା ଏଫ୍ଏଓ, ଦି ଫୁଡ୍ ଏଣ୍ଡ ଏଗ୍ରିକାଲ୍‌ଚାର ଅରଗାନାଇଜେସନ୍ ଅଫ ଦି ଇଉନାଇଟେଡ୍ ନେସନ୍ ।

୬ – ପ୍ରଥମ ଏବଂ ଦିତୀୟ ସ୍ୱାର୍କ – ଷ୍ଟ୍ରୀମ୍ କାର୍ଯ୍ୟଶାଳା ଯାହାକି ଜୀବିକା ନିର୍ବାହ ଏବଂ ଭାଷା ଉପରେ କରାଯାଇଥିଲା ତାର ରିପୋର୍ଟ ପାଇପାରିବେ at http :// www. streaminitiative.org/library/livelihoods.html

୭ – ସେହି ୧୪ ଗୋଟି ଭାଷା ହେଲ୍, ବାହାସା ଇଣ୍ଡୋନେସିଆ, ବାଙ୍ଗଲା, ସେବୁଆନୋ (ଫିଲିପିନ୍‌ସ) ଛୋଟା ନାଗପୁରୀ । (ପୂର୍ବ ଭାରତର ଏକ ଆଦିବାସୀ ଭାଷା) ଇଂଲିସ୍, ହିଂଦି, ଲଂଗ (ଫିଲିପିନ୍‌ସ) ଖମାର, ନେପାଲି, ଓଡ଼ିଆ (ଇଂଣ୍ଡିଆର ଓଡ଼ିଶା ପ୍ରଦେଶର ଭାଷା) ଟାଗାଲଗ (ଫିଲିପିନ୍‌ସ) ଥାଲ, ଭିଏତ୍‌ନାମିଜ ଏବଂ ୱାରେ (ଫିଲିପିନ୍‌ସ)

ଧ୍ୟାନ ଦେବା ଉଚିତ୍ କି ଯେଉଁ ମାନଙ୍କ ସହିତ ଆମେ କାର୍ଯ୍ୟ କରୁଛୁ ଆମେ ଯାହା ବୁଝାଉଛୁ ସେମାନେ ତାହା ସଠିକ୍ ଭାବରେ ବୁଝି ପାରୁଛନ୍ତି କି ନାହିଁ । ଆମ୍ଭ ମାନଙ୍କୁ ଏହା ଖୋଜି ଦେଖିବା ପାଇଁ ହେବ ଯେ ଆମେ "ଏକ ପୃଷ୍ଠଭୂମିରେ" ରହିଛୁ କି ନାହିଁ ଯେପରି ଏକ କାର୍ଯ୍ୟଶାଳାରେ ଜଣେ ଅଂଶ ଗ୍ରହଣକାରୀ କହିଲେ "ଏହା କେବଳ ଏତିକି ନୁହେଁ ମାତ୍ର ଏକ ପଦ୍ଧତି" ।

**ପ୍ରଶ୍ନ ଏବଂ ଉତ୍ତର (ଏକ ବୁଝାମଣା)**

ସ୍ପାର୍କ – ଷ୍ଟାମ୍ର ଜୀବିକା ନିର୍ବାହ ଓ ଭାଷା ଉପରେ ଏପ୍ରେଲ୍ ୨୦୦୩ ମସିହାରେ ହୋଇଥିବା କର୍ମଶାଳାରେ ପ୍ରଶ୍ନ ମାଧ୍ୟମରେ ଆମ୍ଭେମାନେ ଜାଣିବାକୁ ଚାହିଁଲୁ ଅଂଶଗ୍ରାହୀ ଜୀବିକା ନିର୍ବାହ ବିଶ୍ଳେଷଣର କାର୍ଯ୍ୟ ଗୁଡ଼ିକ ବିଷୟରେ ।

- ଜୀବିକା ନିର୍ବାହ ଉପରେ ବିଶ୍ଳେଷଣ କରିବା ମାଧ୍ୟମରେ ଆମେ କେବଳ ତଥ୍ୟ ସଂଗ୍ରହ କରୁଛୁ ନା କିଛି ଶିକ୍ଷା ଦାନ କରିବା ପାଇଁ ଚେଷ୍ଟା କରୁଛୁ ?
- ଆମ୍ଭେ ମାନେ ଅନ୍ୟମାନଙ୍କ ବିଷୟରେ କାହାଠାରୁ କିପରି ଜାଣିବୁ ?
- ଲୋକ ମାନଙ୍କର ଜୀବିକା ନିର୍ବାହ ସମ୍ବନ୍ଧରେ ଜାଣିବା ପାଇଁ ଆମେ କିପରି ଶୁଣିବୁ ଓ କଥାବାର୍ତ୍ତା କରିପାରିବୁ ?
- ଆମେ ଲୋକ ମାନଙ୍କ ସହିତ କିପରି ଭାବରେ ଆଦାନ ପ୍ରଦାନ କରିବୁ ?
- କିପରି ଆମ୍ଭ ମାନଙ୍କର ବ୍ୟବହାର କରୁଥିବା ଭାଷା ଅଂଶ ଗ୍ରହଣକାରୀଙ୍କ ଉପରେ ଅଧିକ ପ୍ରଭାବ ପକାଇ ପାରିବ ?
- କେଉଁ ନିୟମାବଳି ଦ୍ୱାରା ଆମେ ଆମର କାର୍ଯ୍ୟକୁ ମାର୍ଗ ଦର୍ଶନ ଦେବା ?
- କିପରି ଭାବରେ ଏହି ନିୟମାବଳି ଦ୍ୱାରା ଆମର ଭାଷା ଏବଂ ଚଳଣୀ ପ୍ରତିଫଳିତ ହେଉଛି ?
- କିପରି ଭାବରେ ଆମ୍ଭ ମାନଙ୍କର ବ୍ୟବହୃତ ଭାଷା ଅଧିକାର ସମ୍ବନ୍ଧରେ ପ୍ରତିଫଳିତ ହେଉଛି ଏବଂ ପ୍ରଭାବ ପକାଉଛି ?
- କଣ ଆମ୍ଭେମାନେ ଗୋଷ୍ଠିର ଅନୁଭୂତିକୁ ବୁଝିପାରୁଛୁ ଯେ କାହିଁକି ଆମେ ସେମାନଙ୍କର ଜୀବନି ଉପରେ ଅଧ୍ୟୟନ କରୁଛୁ ?
- କିପରି ଭାଷାକୁ ସମସ୍ତଙ୍କର ଉତ୍ତମ ଫଳା ଫଳ ପାଇବା ପାଇଁ ବ୍ୟବହାର କରିପାରିବା ?

ଆମ୍ଭ ମାନଙ୍କର ଆଲୋଚନା ମାଧ୍ୟମରେ ଲୋକ ମାନଙ୍କର ଜୀବିକା ନିର୍ବାହ ନିମନ୍ତେ କି ପନ୍ଥା ଅବଲମ୍ବନ କରାଯିବ ତାହା କେବଳ ସୂଚନା ସଂଗ୍ରହକାରୀ ଛାଡ଼ିଦେବା ଉଚିତ୍ ନୁହେଁ । ଏ ବିଷୟରେ ଲୋକଙ୍କ ସହିତ କଥୋପକଥନ କରି ସେମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଉଚିତ୍, କିପରି ଗୋଷ୍ଠିର ସୁଯୋଗ ସୁବିଧା ଦ୍ୱାରା ସେମାନଙ୍କର ଉପାର୍ଜନ ବୃଦ୍ଧି ହୋଇପାରିବ ।

**କାର୍ଯ୍ୟର ପରିମାଣ ଏବଂ ଫଳାଫଳ**

କାର୍ଯ୍ୟର ଏକ ପରିମାଣ, ୨୦୦୩ ମସିହାର ଜୁନ୍ ମାସରେ ସ୍ପାର୍କ – ଷ୍ଟାମ୍ର ୨ୟ କର୍ମଶାଳା ଜୀବିକା ଓ ଭାଷା ଉପରେ ହୋଇଥିଲା ଯେଉଁଥିରେ "ଯୋଗାଯୋଗ ସଂପର୍କ" ମୂଖ୍ୟ ପ୍ରସଙ୍ଗ ଥିଲା । ଜୀବିକା ବିଶ୍ଳେଷଣରେ ଅଂଶୀଦାର ମାନଙ୍କ ଦ୍ୱାରା ଏହା ଏକ ସୂତ୍ର ରୁପେ ବ୍ୟବହୃତ ହୋଇଥିଲା । ସହକର୍ମୀ ମାନଙ୍କ ସହିତ କଥୋପକଥନ ପୁଣି ଆଲୋଚନା ଦ୍ୱାରା ଏହା ଜଣାଗଲା ଯେ କେବଳ ଭାଷା ଦ୍ୱାରା ଏଇ ଢ଼ାଞ୍ଚାର ପୂର୍ତ୍ତି ହୋଇପାରିବ ।

୨ୟ କର୍ମଶାଳା ଆମେ ସମାପ୍ତ କଲୁ ଏକ ଉତ୍ତମ ବୁଝାମଣା ଦ୍ୱାରା ଯାହାକି ଭାଷା ଏବଂ ଜୀବିକା ନିର୍ବାହ ବିଶ୍ଳେଷଣ ଉପରେ ଥିଲା । ଏକ ଅଂଶଗ୍ରାହୀଙ୍କ ମତରେ : ମୁଁ ଜୀବିକା ନିର୍ବାହ ବିଶ୍ଳେଷଣରେ ଭାଷାର ମହତ୍ୱକୁ ବିଝିପାରିଲି ଏବଂ ଭାଷା କିପରି ଦଳ ମଧ୍ୟରେ ଯୋଗାଯୋଗ ସୃଷ୍ଟି କରେ ତାହା ବୁଝିପାରିଲି ।

ଏହି କାର୍ଯ୍ୟକ୍ରମର ଫଳାଫଳ ପ୍ରତିଫଳିତ ହେଲା ନିମ୍ନ ଗଳ୍ପ ଗୁଡ଼ିକ ଉପରେ ସ୍ପାର୍କ ଏବଂ ଷ୍ଟାମ୍ ସହକର୍ମୀ ମାନେ ଜୀବିକା ନିର୍ବାହର ଶିକ୍ଷା ଏବଂ ଯୋଗାଯୋଗ ପାଇଁ ଏହାକୁ ମାର୍ଗ ଦର୍ଶକ ଭାବେ ଗ୍ରହଣ କଲେ ।

କାଥକୋପଲେ ଏବଂ ଉଇଲିୟମ୍ ସେଭେଜ୍ ଷ୍ଟାମ୍ରେ ଯୋଗାଯୋଗ ବିଶେଷଜ୍ଞ ଭାବରେ କାର୍ଯ୍ୟକରନ୍ତି । କାଥ ଅଷ୍ଟ୍ରେଲିୟାର ବାରମାଗୁଇରେ ବାସ କରନ୍ତି । ତାଙ୍କ ସହିତ ଯୋଗାଯୋଗ ହୋଇପାରିବ at <kcopley@smartchat.net.au> ଉଇଲିୟମ ବେଂକକ୍ରେ ବାସକରନ୍ତି । ତାଙ୍କ ସହିତ ଯୋଗାଯୋଗ ହୋଇପାରିବ at <savage@loxinfo.co.th>.

## ଜୀବିକା ନିର୍ବାହର ବୁଝାମଣା ସନ୍ଦର୍ଭରେ ବ୍ୟାପକ ପ୍ରସାର ଦିଗରେ

ଏଲିଜାବେଥ ଏମ୍ ଗଞ୍ଜାଲେସ୍, ନୁଏନ୍ ସଂଗ ହା, ଗୁବୁ ମୁଖାର୍ଜୀ, ନିକାନ୍ତ ପୋଖରେଲ
ଏବଂ ସେମ୍ ଭିରିୟାକ୍

**ଷ୍ଟ୍ରୀମ୍‌ର ଯୋଗାଯୋଗ ହବ ମନେନେଜାରସ୍ ମାନେ କର୍ମଶାଳା ମଧ୍ୟରେ ଏବଂ କର୍ମଶାଳା ପୂର୍ବରୁ କଣ କରିଥିଲେ –**

ଜୀବିକା ନିର୍ବାହ ଓ ଭାଷା ପ୍ରୟୋଗର ପ୍ରଥମ କାର୍ଯ୍ୟଶାଳାର ଅନୁଭୂତିକୁ ନେଇ ଆମ୍ଭେମାନେ ସ୍ୱଦେଶକୁ ଫେରିଥିଲୁ, ଲୋକମାନଙ୍କର, ଗୋଷ୍ଠି ମାନଙ୍କର ଏବଂ ସେମାନଙ୍କୁ ଦିଆଯାଇଥିବା ସେବା, ଯାହାଦ୍ୱାରା ସେମାନଙ୍କର ଜୀବିକା ନିର୍ବାହର ଚିନ୍ତାଧାରା ଓ ସର୍ତ୍ତ ଗୁଡ଼ିକୁ ବୁଝିବା ପାଇଁ ଓ କ୍ରମାଗତ ଶିକ୍ଷା ଲାଭ କରିବା ପାଇଁ । ଆମ୍ଭ ମାନଙ୍କର ପ୍ରତ୍ୟେକଟି ଗଳ୍ପ ଜୀବିକା ନିର୍ବାହ ଓ ବିଶ୍ଳେଷଣର ଅଧିକ ଜାନକାରୀ ପାଇଁ କର୍ମଶାଳା ମଧ୍ୟରେ ଓ ପୂର୍ବରୁ କଣ କଣ କରିଥିଲୁ ସେ ବିଷୟରେ କହେ, ଯେପରି ଆମ୍ଭେମାନେ ଷ୍ଟ୍ରାର୍କ ସହଯୋଗୀ ମାନଙ୍କ ସହିତ ଜୀବିକା ନିର୍ବାହ ବିଷୟରେ ଶିକ୍ଷା ଏବଂ ଯୋଗାଯୋଗ ପାଇଁ କାର୍ଯ୍ୟ କରିଥିଲୁ ।

**କମ୍ବୋଡ଼ିଆ**

କର୍ମଶାଳା ଚାଲିଥିବା ସମୟରେ, ମୋର ଜୀବିକା ନିର୍ବାହ ଓ ଭାଷା କର୍ମଶାଳାର ସହକର୍ମି ମାନଙ୍କ ସହିତ ଆଲୋଚନା ହୋଇଥିଲା, ଯେଉଁ ମାନେ କି ଜୀବିକା ନିର୍ବାହ ବିଶ୍ଳେଷଣକୁ ଚଳାଇଥିଲେ ପିଆର୍‌ଏ ପଦ୍ଧତି ଦ୍ୱାରା । ଅଧିକାଂଶ ଏହା ଜାଣି ପାରିଲେ ଯେ ସ୍ଥାନୀୟ ଲୋକ ମାନଙ୍କୁ ଏବଂ ଆଞ୍ଚଳିକ ଲୋକମାନଙ୍କୁ ଜୀବିକା ନିର୍ବାହର ଅର୍ଥ ବୁଝାଇବା ପାଇଁ ବ୍ୟବହାର ହେଉଥିବା ଟାର୍ମ ଗୁଡ଼ିକ ଭାଷା ଦ୍ୱାରା ବୁଝାଇବା ବହୁତ କଷ୍ଟ ସାଧ୍ୟ । ପ୍ରଥମେ ଆମେ ଗୋଟିଏ ଶବ୍ଦ ତାଲିକା ତିଆରି କରିବା ପାଇଁ ଚାହିଁଥିଲୁ ଏହି ସମସ୍ତ ଟାର୍ମ ଗୁଡ଼ିକର ଅର୍ଥ ବୁଝାଇବା ପାଇଁ ଯେପରି : ଜୀବିକା ନିର୍ବାହ । ଦୀର୍ଘସ୍ଥାୟୀ ଜୀବିକା, ଜୀବିକାର ନମୁନା, ଆକ୍ରମଣ ସାଧ୍ୟ କ୍ଷମତା ଏବଂ ପହୁଞ୍ଚ । କିନ୍ତୁ ପରେ ଆମ୍ଭେମାନେ ଚିନ୍ତା କଲୁ ଏହା ଅଧିକ ଆକର୍ଷଣୀୟ ହେବ ଯଦି ଆମେ କର୍ମଭୂମିରେ ଏକ ସାକ୍ଷାତକାର ମାର୍ଗ ଦର୍ଶକ ରଖୁ । ଆମେ ଏହା ଦେଖିଲୁ ଯେ ଟାର୍ମ ଗୁଡ଼ିକର ଅର୍ଥ ବୁଝାଇବା ଆମେ କିପରି ଭାବରେ ସେମାନଙ୍କୁ ବୁଝାଉଛୁ, ଆମର କହିବା ଶୈଳି, ବୁଝାଇବା ଶକ୍ତି ଏବଂ କେଉଁ ପରିବେଶରେ କେଉଁ ସନ୍ଦର୍ଭରେ ଆମେ କଥା କହୁଛୁ ସେ ସବୁ ଉପରେ ନିର୍ଭର କରୁଛି ।

କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ସ୍ଥାନୀୟ ଲୋକଙ୍କର ଭାଷା ସହିତ ସାମଞ୍ଜସ୍ୟ ରଖି ସେହି କ୍ଷେତ୍ରର ଚଳଣୀ ଭାଷା ଦ୍ୱାରା ଆମ୍ଭେମାନେ ଟାର୍ମ ଗୁଡ଼ିକର ଅର୍ଥ ବୁଝାଇ ଥାଉ । ଏକ ଆକର୍ଷଣୀୟ ବିଷୟ ଦେଖିବାକୁ ମିଳେ ଯେ କିପରି ସ୍ଥାନୀୟ ଲୋକ ମାନେ ନିଜର ଜୀବନ ଶୈଳି, ପରିବେଶ ସହିତ ମେଳ ଖାଉଥିବା ଅର୍ଥ ବାହାର କରିଥାନ୍ତି ଏହି ଟାର୍ମ ଗୁଡ଼ିକର ।

**ଇଣ୍ଡିଆ**

କାର୍ଯ୍ୟଶାଳା ଚାଲିଥିବା ସମୟରେ ମୁଁ ଚାଷୀ ମାନଙ୍କ ସହିତ ଜୀବିକା ନିର୍ବାହ ସଂମ୍ବନ୍ଧୀୟ ଟାର୍ମ ଗୁଡ଼ିକ ବିଷୟରେ ଆଲୋଚନା କରିଥିଲି । ସେମାନଙ୍କ ସହିତ କଥୋପକଥନରୁ ମୁଁ ଏହା ବୁଝିପାରିଲି ଯେ ଗରିବ ଲୋକଙ୍କ ପାଇଁ "ଜୀବିକା ନିର୍ବାହ"ର ଅର୍ଥ ହେଉଛି ଏକ ସ୍ଥାୟୀ ରୋଜଗାର, ଯାହା ରୋଜଗାର କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର କାର୍ଯ୍ୟ କରିଥାନ୍ତି । ଜୀବିକା ନିର୍ବାହରେ ଭାଷା ମଧ୍ୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ । ସରକାର ଅନେକ ଯୋଜନା ଗରିବ ଚାଷୀଙ୍କର ସ୍ୱଚ୍ଛଳତା ନିମନ୍ତେ କାର୍ଯ୍ୟକାରୀ କଲେ ମଧ୍ୟ ଭାଷା ପ୍ରତିବନ୍ଧକ ହେଉଥିବାରୁ ଚାଷୀମାନେ ଉପକୃତ ହୋଇପାରନ୍ତି ନାହିଁ । ଏହାର ଉଦାହରଣ ସ୍ୱରୂପ ବ୍ୟାଙ୍କରୁ ଋଣ ସଂଗ୍ରହ :– ଦିନେ ଜଣେ ଗରିବ ଚାଷୀ ତାର ଚାଷ କାର୍ଯ୍ୟର ଉନ୍ନତି ନିମନ୍ତେ ବ୍ୟାଙ୍କକୁ ଋଣ ଅନ୍ୱେଷଣରେ ଯାଇଥିଲା । ବ୍ୟାଙ୍କ କର୍ମଚାରୀ ଗରିବ ଲୋକଟିକୁ, ଋଣ ପାଇବା ପାଇଁ କିଛି ସମ୍ପତ୍ତି "ମୋର୍ଟଗେଜ୍" ବା ବନ୍ଧକ ରଖିବାକୁ କହିଥିଲେ । ସେହି ଚାଷୀ ପାଇଁ ବନ୍ଧକ ଏକ ନୂଆ ବିଷୟ ଥିଲା, ପୁଣି ଏହାକୁ ତାର ସ୍ଥାନୀୟ ଭାଷାରେ ବୁଝାଇବା କଷ୍ଟକର ଥିଲା । ଫଳତଃ, ସେହି ଗରିବ ଚାଷୀ ସ୍ଥାନୀୟ ସାହୁକାର ଠାରୁ ଚଡ଼ା ସୁଧହାରରେ ଟଙ୍କା ଋଣ ନେଇ ଥିଲା ।

**ନେପାଳ**

ପ୍ରଥମ କାର୍ଯ୍ୟଶାଳାରୁ ନିଜ ଦେଶକୁ ଫେରିଲା ପରେ, ମୁଁ ଚେଷ୍ଟା କଲି ଜୀବିକା ନିର୍ବାହ ସମ୍ପର୍କରେ କିଛି ତଥ୍ୟ ନେପାଳି ଭାଷାରେ ସଂଗ୍ରହ କରିବା ପାଇଁ ଯାହା ଦ୍ୱାରା ନେପାଳ ସମ୍ବନ୍ଧରେ ମୋର ବୁଝାମଣା ଭଲ ହୋଇପାରିବ । ମୁଁ ଡ଼ିଏଫ୍‌ଆଇଡ଼ି ଏବଂ ନେପାଳ ସରକାରଙ୍କର ବନ ବିଭାଗ ଦ୍ୱାରା ବାହାର କରାଯାଇଥିବା କିଛି ପତ୍ର ପତ୍ରିକା ପାଇଲି ସେଥିରୁ ମୁଁ କିଛି ନେପାଳି ଶବ୍ଦ ଟିପିଲି ଯାହାକି ଜୀବିକା ନିର୍ବାହକୁ ବୁଝାଉଥିଲା ଏହାପରେ ମୁଁ ଜିଲ୍ଲା କୃଷି ଉନ୍ନୟନ ଅଫିସ୍‌କୁ ଗଲି ଯାହାକି 'କାଭାରେ' ୪୦ କିଲୋମିଟର ଦୁରରେ ଅବସ୍ଥିତ ମୋର କାର୍ଯ୍ୟ କରୁଥିବା ରାଜଧାନୀ ସହର ଠାରୁ । ସେଠାରେ ମୋର ଅଧିକାରୀ ମାନଙ୍କ ସହିତ କଥାବାର୍ତ୍ତା ହେଲା ସେମାନେ ସିଧା ସଳଖ ଭାବରେ ଆଦିବାସୀ ଲୋକଙ୍କ ସହିତ କାର୍ଯ୍ୟ କରନ୍ତି ଏବଂ ବିଭିନ୍ନ ସ୍ଥାନୀୟ ଭାଷା ଜାଣନ୍ତି । ପ୍ରଥମ ଆଲୋଚନାରେ ସେମାନଙ୍କ ମତରେ ଜୀବିକା ନିର୍ବାହ ଏକ ଅର୍ଥନୈତିକ ସମସ୍ୟା ଥିଲା । ଦୀର୍ଘ ୧ ଘଣ୍ଟା ଗ୍ରାମ୍ୟ ଓ ସହରାଞ୍ଚଳ ଲୋକମାନଙ୍କର ଜୀବିକା ନିର୍ବାହ ବିଷୟ ଆଲୋଚନା ପରେ ସେମାନେ ବୁଝିଥିଲେ ଯେ ଏହା କେବଳ ଏକ ଆର୍ଥିକ ସମସ୍ୟା ନୁହେଁ । ଏହାର ପରିସର ବ୍ୟାପକ ଥିଲା, ପ୍ରାକୃତିକ ସମ୍ପଦର ବିନିଯୋଗ, ସମ୍ପଦକୁ ପହୁଞ୍ଚ, ପ୍ରାକୃତିକ ସମ୍ପଦକୁ ବ୍ୟବହାର କରିବାର କୌଶଳ, ସରକାର, ଅନ୍ତରଦେଶୀୟ

ବାଣିଜ୍ୟ ନୀତି, କଳା କୌଶଳର ପରିବର୍ତ୍ତନ ଏବଂ ସମାଜର ସଂସ୍କୃତି ଓ ଦିଶା ସହିତ ସଂଶ୍ଳିଷ୍ଟ ଥିଲା । ତେଣୁ ମୁଁ ସ୍ଥିର କଲି ସ୍ଥାନୀୟ ଲୋକମାନେ ଜୀବିକା ନିର୍ବାହ ବିଷୟରେ ଯେପରି ଭଲ ଭାବରେ ବୁଝିପାରିବେ ସେଥିପାଇଁ ଜୀବିକା ନିର୍ବାହ କରିବାର ସମସ୍ତ ବିଷୟବସ୍ତୁକୁ ନେଇ ସ୍ଥାନୀୟ ଭାଷାରେ ଏକ ଖସଡ଼ା ପ୍ରସ୍ତୁତ କଲି ଏବଂ ସହକର୍ମୀ ମାନଙ୍କ ମଧ୍ୟରେ ବାଣ୍ଟିଲି, ସେମାନଙ୍କ ଦ୍ୱାରା ଏହା ବେସ୍ ଭଲ ଭାବରେ ଆଦୃତ ହେଲା । ସେମାନଙ୍କ ମତରେ ଏହା ଦ୍ୱାରା ଜୀବିକା ନିର୍ବାହକୁ ଖୁବ୍ ଶୀଘ୍ର ଓ ଖୁବ୍ ଭଲ ଭାବରେ ବୁଝି ହେବ ।

**ଫିଲିପିନସ୍**

ପ୍ରଥମ କର୍ମଶାଳାରୁ ନିଜ ଦେଶର ଅଫିସ୍‌କୁ ଫେରି ମୁଁ ମୋର ଅନୁଭୂତି ଏବଂ ଶିକ୍ଷାକୁ ସହକର୍ମୀ ମାନଙ୍କ ସହିତ ଆଦାନ ପ୍ରଦାନ କଲି । ମୁଁ ସମ୍ପଦ ସମ୍ବନ୍ଧିୟ ଅନେକ ବହି ପଢ଼ି ପରିଚ଼ାଳନା କରିବା ପାଇଁ ସର୍ତ୍ତର ଏକ ସୁଚି ତିଆରି କରିବାର ଧାରଣା ପାଇଲି । ଏକ ଶବ୍ଦ ତାଲିକା ସହିତ ସେମାନଙ୍କ ମଧ୍ୟରେ ପ୍ରବେଶ କରିବା ମୁଁ ଉଚ଼ିତ୍ ମନେ କଲି । ଏହି ପର୍ଯ୍ୟବେକ୍ଷଣ ମୋତେ ଅନୁପ୍ରାଣିତ କଲା ଏକ ଶବ୍ଦକୋଷ ତିଆରି କରିବା ପାଇଁ, ପ୍ରଥମେ ମୁଁ ୯ଟି ସର୍ତ୍ତ ଯେଉଁ ଗୁଡ଼ିକ ସ୍ଥାର୍କ ଫିଲିପିନସ୍‌ର ସହକର୍ମୀ ମାନେ ପ୍ରଥମ କର୍ମଶାଳାରେ ଉତ୍ଥାପନ କରିଥିଲେ ଯେପରି :–ଜୀବିକା ନିର୍ବାହ, ଅଂଶ ଗ୍ରହଣ, ଅଂଶ ଧାରକ, ସମ୍ବଳ, ଫଳାଫଳ, ସମରକୌଶଳ ଗୋଷ୍ଠି, ଆକ୍ରମଣ ସାଧ୍ୟ କ୍ଷମତା ଓ ଆଧିପତ୍ୟ ।

ଏହି ସମସ୍ତ ସର୍ତ୍ତ ଗୁଡ଼ିକର ବିସ୍ତାରିତ ଅର୍ଥ ଜାଣିବା ପାଇଁ ମୁଁ ନାନା ଗଳ୍ପ ଓ ପତ୍ର ପତ୍ରିକା ଅଧ୍ୟୟନ କଲି ଯେଉଁଥିରେ ଜୀବିକା ନିର୍ବାହର ଧାରଣ ଓ ସେଥିରେ ପ୍ରବେଶ କରିବା ବିଷୟରେ ଲେଖାଥିଲା । ଜୀବିକା ନିର୍ବାହ ବିଶ୍ଳେଷଣ ବିଷୟରେ ଜ୍ଞାନ ଥିବା ଲୋକଙ୍କ ସହିତ ଯେପରି ଜାତୀୟ ପ୍ରତିନିଧି, ବେସରକାରୀ ସଂସ୍ଥା, ମତ୍ସ୍ୟ ଚ଼ାଷୀ ସଂଘ, କୃଷି ବିଶେଷଜ୍ଞ, ଆଞ୍ଚଳିକ ଅଫିସ୍ ଯଥା ଗୀର୍ଜାରେ ଏ ବିଷୟରେ କଥୋପକଥନ କରି ଜାଣିଲି ଯେ ଜୀବିକା ନିର୍ବାହ ହେଉଛି, ସେମାନଙ୍କ ମତରେ ବଞ୍ଚିବା ପାଇଁ କିଛି ଅର୍ଥ ଉପାର୍ଜନ କରିବା । ଗରିବ ଗୋଷ୍ଠି ମାନଙ୍କ ପାଇଁ ଏହା ହେଉଛି ତାଙ୍କର ଉପାର୍ଜନ ବୃଦ୍ଧି କରିବା ଯାହାକୁ ସେମାନେ କହନ୍ତି । (ପାଲାଙ୍ଗ ଗିତାନ୍ ଏନ୍ ଇନ୍ ଇଲଙ୍ଗ) କ୍ରମାଗତ ଭାବେ ଲୋକ ମାନଙ୍କ ସହିତ ଜୀବିକା ନିର୍ବାହ ବିଷୟରେ ସେମାନଙ୍କର ଅଭିଜ୍ଞତା, ଅନୁଭୂତି, ସେଥିରେ ସେମାନଙ୍କର ସହଯୋଗିତା ଇତ୍ୟାଦି ଆଲୋଚ଼ନା କରିବା ପରେ ମୁଁ ଏହା ବୁଝି ପାରିଲି ଯେ "ଜୀବିକା ନିର୍ବାହ" ବିଷୟରେ ବିସ୍ତାରିତ ଜ୍ଞାନ ଦେବା ପାଇଁ ଗଳ୍ପ, ଚ଼ିତ୍ର, ଭାଷା ଓ କଥପୋକଥନର ଜରିଆ ହିଁ ସବୁଠାରୁ ଶ୍ରେଷ୍ଠ ଏହା ଦ୍ୱାରା ସେମାନଙ୍କର ଏହି ପଦ୍ଧତି ଉପରେ ବିଶ୍ୱାସ ସୃଷ୍ଟି କରାଯାଇ ପାରିବ ।

**ଭିଏତ୍‌ନାମ**

କର୍ମଶାଳା ମଧ୍ୟରେ ଏକ ଫଳାଫଳ ହେଉଛି, ସାଧାରଣରେ ବ୍ୟବହୃତ ହେଉଥିବା ଇଂଲିସ ଓ ଭିଏତ୍‌ନାମି ଟାର୍ମ ଗୁଡ଼ିକର ଏକ ଶବ୍ଦ କୋଷର ପ୍ରଥମ ସଂକଳନ ପୂର୍ଣ୍ଣ କରାଗଲା । ଅନ୍ୟ ସହକର୍ମୀ ମାନଙ୍କ ସାହାଯ୍ୟରେ ୭୦୦ ଶବ୍ଦରୁ ଅଧିକ ଟାର୍ମର ଏକ ତାଲିକା ପ୍ରସ୍ତୁତ କଲୁ ଯେଉଁଥିରେ "ଜୀବିକା ନିର୍ବାହ" ମଧ୍ୟ ଗୋଟିଏ ଥିଲା । ଆମ୍ଭେ ମାନେ ଏହା ଡ଼ି ଏ ଏନ୍ ଥାଇ ଡ଼ି ଏ, ଆଇ ଏମ୍ ଏ, ଆଇ ଇଉ ସି ଏନ୍, ଓଏକ୍ସଏଫଏଏମ୍ ଏବଂ ଡ଼ବ୍ଲୁ ଡ଼ବ୍ଲୁ ଏଫ[୧୦]ର ପରାମର୍ଶରେ ଇମେଲ୍ ସାହାଯ୍ୟରେ କରିପାରିଥିଲୁ । ଯେଉଁମାନେ ଏହି ଶବ୍ଦକୋଷର କପି ପାଇଲେ ସେମାନେ ମନ୍ତବ୍ୟ ଦେଲେ ଏହା ଭିଏତନାମି ସଦସ୍ୟ ମାନଙ୍କୁ ଯେଉଁମାନେ କି ଜଳ ସଂପଦ ପରିଚ଼ାଳନାର ଅନୁବାଦ ଦିଗରେ କାର୍ଯ୍ୟ କରୁଛନ୍ତି ବହୁତ ସାହାଯ୍ୟ କରିବ ।

୨ଟି କାର୍ଯ୍ୟଶାଳାରେ ଗୋଟିଏ ଗଳ୍ପ କହି ମୁଁ ମୋର ବକ୍ତବ୍ୟ ଶେଷ କରିଅଛି । ଗତବର୍ଷ ଦକ୍ଷୀଣ ଭିଏତ୍‌ନାମ ପ୍ରଦେଶର ଲଙ୍ଗଏନ୍‌ରେ ବାସ କରୁଥିବା ଗୋଷ୍ଠି ସମୁହ "ଜୀବିକା ନିର୍ବାହ" ଶବ୍ଦର ଅର୍ଥ ପଚ଼ାରିଥିଲେ, ଯେତେବେଳେ ଲୋକ ମାନଙ୍କର ସମିତିକୁ ଏକ ଅଫିସିଆଲ ଚ଼ିଠି ଦିଆଯାଇଥିଲା ଏକ କାର୍ଯ୍ୟଶାଳା କରିବା ପାଇଁ । ଏହି ବିଷୟରେ[୧୧] କିଛି ଅଂଶ ଗ୍ରହଣକାରୀ ଏହି କାର୍ଯ୍ୟଶାଳାରେ ଯୋଗଦେବା ପାଇଁ ଅସନ୍ତୋଷ ପ୍ରକାଶ କଲେ କାହିଁକିନା ଏହି ଶବ୍ଦର ଅର୍ଥ ସେମାନଙ୍କୁ ଜଣା ନଥିଲା । ଯେତେବେଳେ ଷ୍ଟ୍ରୀମ୍‌ର ଦେଶରେ ଥିବା କାର୍ଯ୍ୟାଳୟ ମାନଙ୍କରୁ ଖବର ପାଇଲେ ସେତେବେଳେ ମତ୍ସ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି କଲେ ସବୁ ପ୍ରଦେଶକୁ ପତ୍ର ମାଧ୍ୟମରେ ଏହାର ଅର୍ଥ ବୁଝାଇବା ପାଇଁ, ଏହା ଦ୍ୱାରା ସେମାନେ ଶବ୍ଦର ଅର୍ଥ ବୁଝିପାରିଲେ ଏବଂ ଆଶାତୀତ ଫଳ ମିଳିଲା ।

ଲେଖକ ମାନେ ହେଉଛନ୍ତି ଷ୍ଟ୍ରୀମ କନଟ୍ରୀ ଅଫିସର ଯୋଗାଯୋଗ ହବ୍ ମ୍ୟାନେଜରମାନେ । ଏଲିଜାବେଥ ଏମ୍ ଗଞ୍ଜାଲେସ୍ ଅଛନ୍ତି ଫିଲିପିନସ ସହରର ଇଲୁ ଇଲୁରେ, ନୁଏନ୍ ସଙ୍ଗହା ଅଛନ୍ତି ଭିଏତ୍‌ନାମ୍‌ର ହାନୋଇରେ, ରୁବୁ ମୁଖାର୍ଜୀ ଅଛନ୍ତି ଇଣ୍ଡିଆର ରାଞ୍ଚିରେ, ନିକାନ୍ତ ପୋଖରେଲ ଅଛନ୍ତି ନେପାଳର କାଠମାଣ୍ଡୁରେ ଏବଂ ସେମ୍‌ଭିରୟାକ ଅଛନ୍ତି କମ୍ବୋଡ଼ିଆର ଫନମ୍ ପେନ୍‌ରେ । ସେମାନଙ୍କ ସହିତ ଯୋଗାଯୋଗ କରିପାରିବେ ସେମାନଙ୍କର ଇ–ମେଲ୍ ଆଡ୍ରେସ୍‌ରେ, ଯାହା ପାଇବେ ୧୪ ପୃଷ୍ଠାରେ ।

---

୧୦ – ଡ଼େନିସ୍ ଇନ୍‌ଟାରନେସନାଲ ଡ଼େଭଲପ୍‌ମେଣ୍ଟ ଏଜେନ୍‌ସି, ଇନ୍‌ଟାରନେସନାଲ ମେରିନଲାଇଫ ଏଲିଏନସ୍, ଇନ୍‌ଟାରନେସନାଲ ଇଉନିୟନ ଫର କନ୍‌ଜାରଭେସନ୍ ଅଫ ନେଚ଼ାର ଓ ଏକ୍ସ ଏଫ ଏ ଏମ୍, ୱାଲର୍ଡ ୱାଇଲଡ଼ ଲାଇଫ ଫଣ୍ଡ ।

୧୧ – ଷ୍ଟ୍ରୀମ୍ ଜାରନାଲ୍ (୪)ର ପ୍ରବନ୍ଧ "ଜୀବିକା ନିର୍ବାହ ବିଶ୍ଳେଷଣର ଶିକ୍ଷା କାର୍ଯ୍ୟଶାଳା" ଉପରେ ଆଧାରିତ ଉଦାହରଣ ଦେଖନ୍ତୁ ଯାହାକି ନଭେମ୍ବର ୨୦୦୨ରେ ଭିଏତ୍‌ନାମ୍‌ର ଲଙ୍ଗ ଏନ୍‌ରେ ହୋଇଥିଲା ।

## ଉପକରଣକୁ ବ୍ୟବହାର କରିବା ବୁଝାମଣାରେ ସହଯୋଗୀ ହେବା ପାଇଁ, ଏକ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ନମୁନା ବ୍ୟବହାର କରିବା ଶିକ୍ଷା ପାଇଁ

ନୁଚ୍‌ଜାରୀ ଲାଙ୍ଗ କୁଲ ସାନେ[୧୨]

**ତିନୋଟି ସାଧନକୁ ପରୀକ୍ଷା କରି ଦେଖିବା –**

ସ୍ପାର୍କ ଥାଇଲାଣ୍ଡ ଜୁଲାଇ ୨୦୦୩ରେ ପରିଚାଳନା ଓ ମୂଲ୍ୟାଙ୍କନ ନିମନ୍ତେ ଦେଶର ଉତ୍ତର ଭାଗରେ କ୍ଷେତ୍ର ପରିଦର୍ଶନ ନିମନ୍ତେ ଆୟୋଜନ କରିଥିଲେ । ବିଷୟ ଗୁଡ଼ିକ ଥିଲା, ସ୍ପାର୍କ ସହଯୋଗୀ କର୍ମୀ ମାନଙ୍କର ଶିକ୍ଷା ପ୍ରାପ୍ତି କାର୍ଯ୍ୟକ୍ରମର ମୂଲ୍ୟାଙ୍କନ, କାର୍ଯ୍ୟ ଯୋଗାଇବାରେ ସାହାଯ୍ୟ[୧୩], ଓଏସ୍‌ଏଲ୍‌ଓ ଏୱାଡ଼ି[୧୪] ମାନଙ୍କୁ ପ୍ରମାଣ କରାଇବା, ଚିହ୍ନଟ କରାଯାଇଥିବା ଦଳ ମାନଙ୍କର ଜୀବନ ଧାରାରେ ଅର୍ଥପୂର୍ଣ୍ଣ ପରିବର୍ତ୍ତନକୁ ଯେଉଁମାନେ ସେମାନଙ୍କୁ ପ୍ରାକୃତିକ ସମ୍ପଦ ପରିଚାଳନାର ସେବା ଯୋଗାଉଛନ୍ତି, ସେମାନଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିବା । ଉକ୍ତ ଦଳ ୨ୟ ଜୀବିକା ନିର୍ବାହ ଓ ଭାଷା କାର୍ଯ୍ୟଶାଳାରୁ ତିନୋଟି ସାଧନ ଗ୍ରହଣ କରିଥିଲେ ବୁଝାମଣାରେ ସହଯୋଗ ଗଢ଼ିବା ପାଇଁ, ଏକ ଯୋଗାଯୋଗ ସୂତ୍ର ତିଆରି ପାଇଁ ଏବଂ ସ୍ପାର୍କ ଓ ତାର ସହକର୍ମୀ ମାନଙ୍କର ଯୋଗାଯୋଗର ବିଶ୍ଳେଷଣ କରିବା ପାଇଁ । ଏହି ତିନୋଟି ସାଧନ ହେଲା (୧) ବାର୍ତ୍ତାବାହକ ଅଂଶିଦାର (୨) ସମ୍ପର୍କ ସ୍ଥାପନ (୩) ଯୋଗାଯୋଗ ପରିଣାମ ।



**ଚିଆଙ୍ଗ ମାଇରେ ଏନ୍‌ଜିଓ ମାନଙ୍କ ସହିତ ବାର୍ତ୍ତାଲାପ ମଧ୍ୟରେ ଏକ କେନ୍ଦ୍ର ପରିସୀମାର ପରିମାଣ ଫଳାଫଳ ଓ ପ୍ରଭାବ ଉପରେ ବ୍ୟାଖ୍ୟା କରାଯାଉଛି**

ପ୍ରଥମ ଓ ୨ୟ ସାଧନକୁ ପ୍ରାଥମିକ ସ୍ତରରେ ଆମର ଯୋଗାଯୋଗ ପଦ୍ଧତିର ନମୁନା ତିଆରୀ କରିବା ପୂର୍ବରୁ ବ୍ୟବହାର କରାଯାଇଥିଲା । ଆମେ ପ୍ରଥମ ସାଧନଟି ବ୍ୟବହାର କଲୁ ବାର୍ତ୍ତାବାହକ ଅଂଶିଦାର ବାଛିବା ପାଇଁ ଯେଉଁ ମାନଙ୍କ ସହିତ ଆମେ କଥାବାର୍ତ୍ତା କରିବା ଓ ଯେଉଁ ମାନେ ସେମାନଙ୍କ ପାଖରେ ଆମର ପ୍ରତିନିଧି ଭାବରେ ବାର୍ତ୍ତାଲାପ ଦ୍ୱାରା ଆମର ସମସ୍ୟା ଏବଂ ଉଦ୍ଦେଶ୍ୟକୁ ବୁଝାଇବେ । ଦ୍ୱିତୀୟ ସାଧନଟି, ଏକ କେନ୍ଦ୍ରର ପରିସୀମା ମଧ୍ୟରେ ଆମର ପରିମାଣ, ଫଳାଫଳ ଓ ପ୍ରଭାବକୁ ବ୍ୟାଖ୍ୟା କରିବା ପାଇଁ ଏକ ଉନ୍ନତ ସମ୍ପର୍କ ସ୍ଥାପନ ପାଇଁ ବ୍ୟବହାର କଲୁ । ଆମର ବାର୍ତ୍ତାବାହକ ଅଂଶିଦାର ଭାବରେ ଆମେ ଦୁଇଟି ଏନ୍‌ଜିଓକୁ ସ୍ଥିର କଲୁ ଯଥା :– ଏନ୍‌ଡିଏଫ ନରଦାନ୍ ଡ଼େଭଲପ୍‌ମେଣ୍ଟ (ପିଡ଼ିପି) ପାୱାଓରେ ଏବଂ ସେମାନଙ୍କର ଅଂଶଧାର ମାନଙ୍କୁ । ଏନ୍‌ଡିଏଫ ଏବଂ ପିଡ଼ିପି ହେଉଛନ୍ତି ମୁଖ୍ୟ ଅଂଶିଦାର ଯେଉଁ ମାନେ ସ୍ପାର୍କ ଦ୍ୱାରା ସାହାଯ୍ୟ ପାଆନ୍ତି ସେମାନଙ୍କର, କାର୍ଯ୍ୟ ପାଇବାରେ ଓ ଓଏସଏଲଓ କାର୍ଯ୍ୟକ୍ରମ ପାଇଁ । ସେମାନେ ଏନ୍‌ଆର୍‌ଏମ୍ ସମ୍ବନ୍ଧୀୟ ଚାକିରୀ ପାଇଥାନ୍ତି ଯେପରି ଗୋଷ୍ଠିର ମୁଖିଆ, ତାମ୍‌ବନ ଏଡ୍‌ମିନିଷ୍ଟ୍ରେସନ୍ ଅଫିସରେ ଏବଂ ସ୍ଥାନୀୟ ଏନ୍‌ଜିଓରେ । ଏ ସମସ୍ତ ହେବାପରେ ଆମେ ଆମର କାର୍ଯ୍ୟକାରୀ ବିଷୟବସ୍ତୁକୁ ଯେପରି ବାର୍ତ୍ତାଲାପ ଓ କାର୍ଯ୍ୟର ଏକ ଢ଼ାଞ୍ଚା ପଦ୍ଧତିକୁ ଆମର ଅଂଶିଦାର, ଗୋଷ୍ଠି ମୁଖିଆ ଟିଏଓ ଏବଂ ଏନ୍‌ଜିଓ ସମ୍ମୁଖରେ ରଖୁ । ଆମ୍ଭେମାନେ ଚାହିଁଥିଲୁ ଏନ୍‌ଆର୍‌ଏମ୍‌ର ସେବା କାର୍ଯ୍ୟ ଏବଂ ଏହି ସାଧନର ପ୍ରୟୋଗ ଦ୍ୱାରା ପାଇଥିବା ଶିକ୍ଷା ଏନ୍‌ଡିଏଫ ଏବଂ ପିଡ଼ିପିର ଅଂଶଧାରକଙ୍କ ମଧ୍ୟରେ ପ୍ରସାରିତ ହେଉ । ଏହା ଦେଖିବାକୁ ପାଇଲୁ ଯେ ଏହି ଦୁଇଟି ସାଧନର ପ୍ରୟୋଗ ଦ୍ୱାରା, ଆମେ ଆମର କଳ୍ପନା ଓ ପଦ୍ଧତିର ଖସଡ଼ ଅଙ୍କିତ କରିପାରିଲୁ ।

**ସ୍ପାର୍କ ଅଂଶଧାରକ ମାନଙ୍କର ଫଳାଫଳ ପ୍ରାପ୍ତି ଓ ସମ୍ପର୍କ ସ୍ଥାପନ :**

ପ୍ରକୃତ କ୍ଷେତ୍ର ପରିଦର୍ଶନ ସମୟରେ ଆମେ ୨ୟ ସାଧନକୁ ପୁନର୍ବାର ବ୍ୟବହାର କଲୁ ଲୋକ ମାନଙ୍କ ଜୀବନର ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଉପଲବ୍ଧି ଓ ବିଶ୍ଳେଷଣ କରିବା ଏବଂ ଚାକିରୀ ପାଇଥିବା ଲୋକଙ୍କର ବ୍ୟବହାର ଓ ଚଳଣୀକୁ ଦେଖିବା ପାଇଁ । କଥୋପକଥନ ମାଧ୍ୟମରେ ଆମ୍ଭେମାନେ ଜାଣିବା ପାଇଁ ଚେଷ୍ଟା କଲୁ ଅଂଶିଦାର ମାନଙ୍କର ଫଳାଫଳ ପ୍ରାପ୍ତି ଓ ପ୍ରାପ୍ତ ଶିକ୍ଷା ବିଷୟରେ, ଯେଉଁମାନେ କି ଏହି ପରିବର୍ତ୍ତନରୁ ଲାଭବାନ ହୋଇଥିଲେ ଏବଂ ସ୍ପାର୍କର ଅବଦାନ ସହିତ କିପରି ଭାବରେ ଜଡ଼ିତ । ଅଂଶିଦାରମାନେ ବୁଝିପାରୁନଥିଲେ ସ୍ପାର୍କ ଦ୍ୱାରା ସେମାନେ କେତେ ଉପକୃତ ହେଉଥିଲେ କାହିଁକିନା ସେମାନେ ଅନ୍ୟାନ୍ୟ କ୍ଷେତ୍ରରୁ ସାହାଯ୍ୟ ମଧ୍ୟ ପାଉଥିଲେ, ତେଣୁ ସ୍ପାର୍କର ଅବଦାନକୁ ବୁଝିବା ସେମାନଙ୍କ ପାଇଁ କଷ୍ଟକର ଥିଲା ।

ଆମ୍ଭେମାନେ ଜାଣିଲୁ ଯେ ଏକ କେନ୍ଦ୍ର ପରିସୀମା ବ୍ୟାଖ୍ୟା ଦ୍ୱାରା ଆମେ ବିଭିନ୍ନ ଅଂଶଧାରକ ମାନଙ୍କର ଲାଭକୁ ଦର୍ଶାଇ ପାରିଲୁ, ଅଂଶଧାର ଗୋଷ୍ଠି, ଏନ୍‌ଜିଓ ମାନଙ୍କର ବା ସରକାରୀ ସେବାକାରୀ ମାନେ, ଯିଏବି ହୋଇଥାଉ । ଏନ୍‌ଡିଏଫର ପରିଚାଳନା ଦ୍ୱାରା ଉତ୍ତର ଥାଇଲାଣ୍ଡର ଗୋଷ୍ଠି ମାନଙ୍କ ମଧ୍ୟରେ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି । ସେମାନଙ୍କର ଆତ୍ମ ବିଶ୍ୱାସ ବଢ଼ିବା ସହିତ ନିଷ୍ପତ୍ତି

---

୧୨ – ପାନ୍‌ପିଲାଇ କିଟ୍ ସୁଦ୍ ସେଙ୍ଗ, ଡ଼େଚ୍ଚା ଫାସୁକ୍ ଏବଂ ତୁଆଙ୍ଗ କାମଲ୍ ସିରିସକ୍ ଏମାନେ ସ୍ପାର୍କ ଥାଇଲେଣ୍ଡ ଦଳର ।

୧୩ – ସଂସ୍ଥା ଯେଉଁଠିରେ ସ୍ପାର୍କ ଭଲେନ୍‌ଟିଆର ମାନେ କାର୍ଯ୍ୟ କରନ୍ତି ।

୧୪ – ଓଏସ୍‌ଏଲଓ ହେଉଛି ଆଜାର ସେୟାର ଲାରନିଂ ଅପରଚୁନିଟିଜ୍ ଏବଂ ଆଞ୍ଚଳିକ କାର୍ଯ୍ୟକ୍ରମ ମଧ୍ୟ ଏହା ସହିତ ମିଳିତ ଯେପରି ଗବେଷଣା, ଶିକ୍ଷା ଭ୍ରମଣ, ବୃତ୍ତି "ଓଏସ୍‌ଏଲଓ ଏୱାଡ଼ି" ଲୋକମାନେ ଯେଉଁମାନଙ୍କୁ ସ୍ପାର୍କ ବାଛେ ଏବଂ ସାହାଯ୍ୟ କରେ ।

ନିଆଯାଉଥିବା ବିଭିନ୍ନ ନୀତି ବିଷୟରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ । ଉଦାହରଣ ସ୍ୱରୁପ : କିଛି ଲୋକ ନେସନାଲ ଏଡ଼ଭାଇଜରୀ କମିଟି ଫର୍ ଅର୍ଥନୀତି ଏବଂ ସାମାଜିକ ଉନ୍ନୟନର ସଦସ୍ୟ ହୋଇଥିଲେ । ଆମ୍ଭେମାନେ ମଧ୍ୟ ଏନ୍‌ଡିଏଫ ସଦସ୍ୟ ମାନଙ୍କୁ ସ୍ଥାର୍କର ସହଯୋଗ ବିଷୟରେ ଅବଗତ କରାଇଲୁ । ପି.ଡ଼ି.ପି., ସ୍ଥାର୍କ, ଏନ୍‌ଆର୍‌ଏମ୍ ଆଦି ଦ୍ୱାରା ଗୋଷ୍ଠି ଓ ଏନ୍‌ଜିଓ ଗୁଡ଼ିକର ସଦସ୍ୟମାନେ ଶକ୍ତିଶାଳୀ ହୋଇ ଉଠିଲେ ।

ଦ୍ୱିତୀୟ ସାଧନର ବ୍ୟବହାର ଦ୍ୱାରା ଆମେ ଦେଖିଲୁ ଯେ ଆମର ବୁଝାମଣା ସହିତ ସେମାନଙ୍କୁ ଭାଗିଦାର କରିପାରିଛୁ । ଅଂଶିଦାରମାନଙ୍କୁ ପରିଷ୍କାର ଭାବରେ ବୁଝାଇ ପାରୁଛୁ ଯେ କେବଳ ଫଳାଫଳ ଉପରେ ଦୃଷ୍ଟି ନଦେଇ, ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଭୂମିକା ଓ ସଫଳତା ଯାହା ପ୍ରକୃତରେ ହେଉଛି, ସ୍ଥାର୍କର ସାହାଯ୍ୟ ଦ୍ୱାରା କିମ୍ବା ସାହାଯ୍ୟ ବିନା ତାହା ଦେଖିବା ଦରକାର । ଏହାପରେ ଆମ୍ଭେମାନେ ସ୍ଥାର୍କ ଭବିଷ୍ୟତରେ କିପରି ସେମାନଙ୍କୁ ସାହାଯ୍ୟ କରିବ, ସେମାନଙ୍କ ସହିତ ମିଳିମିଶି କାର୍ଯ୍ୟ କରିବ ଶିକ୍ଷା ଗ୍ରହଣ କରିବ ଏହା ଏକ ତରଫା ନହୋଇ ଦୁଇ ଦିଗରୁ କାର୍ଯ୍ୟକ୍ରମ କରାଯିବା ବିଷୟରେ ବୁଝାଇଲୁ ।



**ଗୋଷ୍ଠିର ମୁଖିଆ ମାନଙ୍କ ସହିତ କଥୋପକଥନ ଗୋଷ୍ଠି ମାନଙ୍କ ଦ୍ୱାରା ଅଙ୍କା ଯାଇଥିବା ମାନଚିତ୍ର ଯାହାଦ୍ୱାରା ସରକାରକୁ ଦର୍ଶାଯାଇଛି, ସେମାନେ ସେମାନଙ୍କର ନିଜ ସ୍ଥାନରେ ରହିଛନ୍ତି ଓ ଯେଉଁ ପ୍ରକ୍ରିୟା କରୁଛନ୍ତି ସେଥିରେ ଜଙ୍ଗଲ ଓ ବାୟୋଡ଼ାଇଭାରସିଟିକୁ କୌଣସି କ୍ଷତି ହେଉନାହିଁ ।**

**ଶକ୍ତିଶାଳୀ ସମ୍ପର୍କ ଏବଂ ବିଶ୍ୱାସ**

ତୃତୀୟ ସାଧନ ମାଧ୍ୟମରେ କ୍ଷମତା ସମ୍ପର୍କର ବିଶ୍ଳେଷଣ ଏବଂ ସୂଚନାର ସ୍ଥାୟୀତ୍ୱ ଉପକୃତ ହୋଇଥିଲା । ଗୋଷ୍ଠି ମାନଙ୍କ ସହିତ ସ୍ଥାର୍କର କୌଣସି ସିଧା ସଳଖ ସମ୍ପର୍କ ନାହିଁ ତେଣୁ ଆମେ ସିଧା ସଳଖ ଭାବରେ ସେମାନଙ୍କ ସହିତ କାର୍ଯ୍ୟ କରିପାରୁନାହୁଁ ଅଳ୍ପ ସମୟ ମୁହାଁ ମୁହିଁ କଥା ବାର୍ତ୍ତା ଦ୍ୱାରା ଆମ ପ୍ରତି ସେମାନଙ୍କର ଆତ୍ମବିଶ୍ୱାସ ସ୍ୱଳ୍ପ । ଏହା ଦ୍ୱାରା ଗୋଷ୍ଠି ମାନଙ୍କର ସଠିକ୍ ଖବରାଖବର ଆମେ ପାଇ ପାରିଲୁ ନାହିଁ । ତେଣୁ ସଠିକ୍ ଖବର ମାଧ୍ୟମରେ ଆମ୍ଭେମାନେ କିପରି ଅଂଶିଦାର ମାନଙ୍କ ସହିତ କାର୍ଯ୍ୟକାରୀ କରି ଆତ୍ମବିଶ୍ୱାସ ଜନ୍ମାଇବୁ, ସ୍ଥାର୍କର ପ୍ରଭାବଶାଳି ସମ୍ପର୍କ ସ୍ଥାପନ ଦ୍ୱାରା ଅଂଶିଦାର ମାନଙ୍କ ସହିତ ଆମର ସମ୍ପର୍କ ଭଲ ଭାବରେ ସ୍ଥାପନ ହୋଇ ପାରିଲା ପୁଣି ଭବିଷ୍ୟତରେ ବିଭିନ୍ନ ମାଧ୍ୟମ ଦ୍ୱାରା ଯୋଗାଯୋଗ ସୂତ୍ରରେ ଆମର ଭୂମିକା ଓ ଅଂଶିଦାର ମାନଙ୍କ ସହିତ ଆମର ସମ୍ପର୍କର ବୃଦ୍ଧି ପାଇଁ ଚେଷ୍ଟା କରିବା ଆବଶ୍ୟକ ।

**ଶିକ୍ଷା ମାଧ୍ୟମରେ ଏକ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ନମୁନା ପ୍ରସ୍ତୁତ କରିବା –**

ଅଂଶିଦାର ମାନଙ୍କ ସହିତ କଥାବାର୍ତ୍ତା କରି ପୁଣି ଏକ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ନମୁନା ପରିଚାଳନା ଦ୍ୱାରା ଗୋଷ୍ଠି ମାନଙ୍କର ଜୀବନ ଧାରଣ ପ୍ରଣାଳି, ଏହାର ଉପକାରିତା, ବିଭିନ୍ନ ସମ୍ବଳର ଆବଶ୍ୟକତା ଏବଂ ସରକାରୀ ନୀତି ନିୟମ ସେମାନଙ୍କୁ କିପରି ଭାବରେ ପ୍ରଭାବିତ କରୁଛି ଏ ସମସ୍ତ ବିଷୟରେ ଶିକ୍ଷା ଲାଭ କଲୁ । ଏହା ଆମ୍ଭମାନଙ୍କୁ ସାହାଯ୍ୟ କଲା କିପରି ଶିକ୍ଷା ଲାଭ ଦ୍ୱାରା ଗୋଷ୍ଠିମାନଙ୍କର ସମସ୍ୟାର ସମାଧାନ କରିପାରିବା । ଗୋଷ୍ଠି ମାନେ ସେମାନଙ୍କର ଜୀବିକା ନିର୍ବାହ ବିଭିନ୍ନ ମାଧ୍ୟମରୁ କରିଥାନ୍ତି, ଯେପରି କୃଷି ଭିତ୍ତିକ, ଜଙ୍ଗଲ ଭିତ୍ତିକ, ମତ୍ସ୍ୟ ଭିତ୍ତିକ ଏବଂ ଶ୍ରମ ଭିତ୍ତିକ ।

**ଯୋଗାଯୋଗ ଓ ଶିକ୍ଷା**

ଉପରୋକ୍ତ ତିନିଗୋଟି ସାଧନ ଓ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ନମୁନା ପ୍ରକ୍ରୀୟା ମାଧ୍ୟମରେ ସ୍ଥାର୍କ ଏବଂ ତାର ଅଂଶଧାରକ ମାନଙ୍କ ମଧ୍ୟରେ ଯୋଗାଯୋଗର ଏକ ଗଠନ ମୂଳକ ପ୍ରକ୍ରୀୟା ପ୍ରସ୍ତୁତ କରାଯାଇଥିଲା । ଯେଉଁଥିରେ କି ପ୍ରତ୍ୟେକ ପ୍ରତ୍ୟେକଙ୍କର ଭାବନା ଆଦାନ ପ୍ରଦାନର ସୁଯୋଗ ପାଇଥିଲେ । ସ୍ଥାର୍କ ଓ ତାର ଅଂଶ ଗ୍ରହଣକାରୀ ଏବଂ ଗୋଷ୍ଠି ମାନଙ୍କର ଶିକ୍ଷା ଲାଭ ଦ୍ୱାରା ଆମେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିଲୁ । ଏହା ଭବିଷ୍ୟତରେ ମିଳିତ ଭାବରେ କାର୍ଯ୍ୟକୁ ଉନ୍ନତ କରିବ ।

ନୁଚ୍‌ଜାରି ଲେଙ୍ଗକୁଲସେନି ଜଣେ ପ୍ରୋଗ୍ରାମ ଏସିସ୍‌ଟେଣ୍ଟ ସ୍ଥାର୍କ ଥାଇଲାଣ୍ଡରେ ତାଙ୍କର ଯୋଗା ଯୋଗ ଠିକଣା <nuchjaree.langkulsane@vsoint.org>.
ପାନ୍‌ପିଲାଇ କିଟ୍ ସୁଡ଼ ସେଙ୍ଗ ଜଣେ ପ୍ରୋଗ୍ରାମ ଅଫିସାର ଭିଏସଓ ଥାଇଲାଣ୍ଡରେ ତାଙ୍କର ଯୋଗାଯୋଗ ଠିକଣା <panpilai.kitsudsaeng@vsoint.org>. ଡ଼େଚ୍ଚା ଫାସୁକ୍ ସିଭିଲ୍ ସୋସାଇଟି ଅରଗାନାଇଜେସନ୍‌ର ଜଣେ ଡାଇରେକଟର ଓ ସ୍ଥାର୍କ ଥାଇଲେଣ୍ଡର ଜଣେ ଅଂଶ ଦାର ତାଙ୍କର ଠିକଣା <decha_dd@thaimail.com>. ଡୁଆଙ୍ଗକାମଲ ସିରିସକ୍ ଅଛନ୍ତି ସାସଟେନେବଲ ଡ଼େଭଲପ୍‌ମେଣ୍ଟ ଫାଉଣ୍ଡେସନ୍‌ରେ ଓ ଜଣେ ସ୍ଥାର୍କ ହବ୍ ଅରଗାନାଇଜେସନ୍, ତାଙ୍କର ଠିକଣା <oysirisook@hotmail.com>.

# ଜୀବିକା ନିର୍ବାହ ପାଇଁ ରତନ ବିଷୟରେ ଶିକ୍ଷାଲାଭ

ମେରିଏଲ୍ ଡ଼ି ଯିଜାସ୍ ଏବଂ କ୍ରିସ୍ଟିନା ବେନ୍ତୁଗ[୧୫]

**ରତନ ଏକ ପ୍ରାକୃତିକ ସମ୍ପଦ –**

ଅଧିକାଂଶ ଲୋକ ରତନ ଦ୍ୱାରା ତିଆରି ଚ଼େୟାର୍, ଟେବୁଲ ଓ ଅନ୍ୟାନ୍ୟ ସାଜ ସାମଗ୍ରୀ ମାନ ଦେଖିଥିବେ । ଆମ୍ଭ ମାନଙ୍କ ମଧ୍ୟରୁ ଯେଉଁମାନେ ଫିଲିପିନସ୍‌ର ଲୋକ, ସେମାନେ ଜାଣନ୍ତି ରତନର ଅଧିକାଂଶ ସାମଗ୍ରୀ 'ସେବୁ'ରେ ତିଆରି ହୁଏ । ଅଧିକାଂଶ ଜାଣିନାହାନ୍ତି ଏହା କିପରି ତିଆରି ହୁଏ ଓ ପ୍ରଥମ ଏହା ଏଠାରୁ କିଛି ଦୂରରେ ଥିବା ଆଗୁସାନ୍ ଡ଼େଲସାରରେ ଆରମ୍ଭ ହୋଇଥିଲା ।

ଆଞ୍ଚଳିକ ସରକାରର ଅନୁରୋଧରେ ଫିଲିପିନସ୍‌ର ଭଲେନ୍‌ଟିଆର ସାରଭିସ୍ ଓଭାରସିଜ୍ 'ଭିଏସଓ', ସ୍ପାର୍କ ହବ ଅନୁଷ୍ଠାନର ଅଂଶିଦାର ଏବଂ ଇନ୍‌ଭିରନ୍‌ମେଣ୍ଟାଲ ସାଇନସ୍ ଫର ସୋସିୟାଲ ଚ଼େଞ୍ଜ (ଇଏସଏସସି)ର ଆନୁକୁଲ୍ୟରେ ଆଗୁସାନ୍ ଡ଼େଲ୍‌ସାର ଠାରେ ରାଜ୍ୟର ପ୍ରାକୃତିକ ସମ୍ବଳ ପରିଚ଼ାଳନାର ପ୍ରୋଗ୍ରାମ କରାଗଲା । ଯେଉଁଥିରେ କି ବିଚ଼ାର କରାଗଲା ଏହାର ବିନିଯୋଗ ଓ ସହାୟତା କିପରି କରାଯାଇପାରିବ । ଭିଏସଓପି ଏବଂ ଇଏସଏସସି ମିଳିତ ଭାବରେ ଏକ କର୍ମଶାଳାର ଆୟୋଜନ କରି ଏନଆରଏମ ସମ୍ବନ୍ଧିୟ ସେବା କାର୍ଯ୍ୟକୁ କିପରି ବ୍ୟବହାର କରୁଥିବା ଲୋକ ମାନଙ୍କର ଶିକ୍ଷା ଓ ଉପକାରିତା ପାଇଁ ଯୋଗାଇ ପାରିବେ ସେ ବିଷୟରେ ଚ଼େଷ୍ଟା କରିଥିଲେ । ଯେଉଁମାନେ ନିଜର ଜୀବିକା ନିର୍ବାହ ପାଇଁ ଏହା ବ୍ୟବହାର କରିବେ ସେମାନଙ୍କର ଉପାର୍ଜନ ବୃଦ୍ଧି ପାଇଁ ଭିଏସଓ ଏକ ଉନ୍ନତ ଯୋଜନା ତିଆରି କରିଥିଲେ ।

**ପରସ୍ପର ମଧ୍ୟରେ ବୁଝାମଣା କିପରି ଗଠନ କରାଯିବ**

ଜୀବିକା ନିର୍ବାହ ଓ ଭାଷାର କାର୍ଯ୍ୟଶାଳାରେ ଆମ୍ଭମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଯେ ଆମେ ଏକ ପୃଷ୍ଠଭୂମିରେ କାର୍ଯ୍ୟରତ ଅଛୁ ତେଣୁ ଏକତ୍ର କାର୍ଯ୍ୟ କଲାବେଳେ କାର୍ଯ୍ୟ ସମ୍ବନ୍ଧରେ ଓ ଭାଷାର ସଠିକ ବୁଝାମଣା ଆମ ମଧ୍ୟରେ ହେବା ବହୁତ ଜରୁରୀ । କାର୍ଯ୍ୟଶାଳାରେ ଅଂଶ ଗ୍ରହଣ କରିଥିବା କିଛି ଲୋକଙ୍କର ଏହି ଅନୁଭୂତି ଥିଲା ଯେ, ଯୋଜନା ଚ଼ଳାଇବା ସମୟରେ ଏହାର ମୂଲ୍ୟାୟନ ଦ୍ୱାରା ଜଣାପଡ଼ିଲା ଯେ ବହୁତ ଅଳ୍ପ ଲୋକ ଯୋଜନା ଦ୍ୱାରା କଣ ହାସଲ ହୋଇପାରିବ ସେ ବିଷୟରେ ବୁଝୁଥିଲେ । ଯୋଜନାର ଉନ୍ନତି କରିବା ବହୁତ ଜରୁରୀ କାହିଁକିନା ଏହା ଦ୍ୱାରା ସବୁ ଅଂଶଧାରକ ମାନେ ଯୋଜନାର ବିଷୟ ବସ୍ତୁକୁ ଭଲ ଭାବରେ ବୁଝି ସେଥିରେ କିପରି ସକ୍ରିୟ ଅଂଶ ଗ୍ରହଣ କରିବେ ତାହା ଜାଣିପାରିବେ ।

ଆଗୁସାନ୍ କର୍ମଶାଳାରେ ଏହା ନିଶ୍ଚୟ କରାଗଲା ଯେ ଆରମ୍ଭରୁ ପରସ୍ପର ବୁଝାମଣାର ଆବଶ୍ୟକତା ଅଛି । ଉଦାହରଣ ସ୍ୱରୂପ : ସ୍ଥାନୀୟ ସରକାର, ଭିଏସ୍‌ଓ ଏବଂ ଇଏସ୍‌ଏସ୍‌ସି ଜାଣିବା ଆବଶ୍ୟକ ଏନ୍‌ଆର୍‌ଏମ୍ ସେବା ଦ୍ୱାରା କେଉଁମାନେ ପ୍ରକୃତରେ ଉପକୃତ ହେଉଛନ୍ତି ଓ ସର୍ବଶେଷ ବ୍ୟବହୃତକାରୀ କିଏ ପୁଣି କିଏ ସେମାନଙ୍କୁ ମାଲ ପହଁଞ୍ଚାଇବ । ତିନୋଟି ସମକେନ୍ଦ୍ର ପରିସରରେ ହୋଇଥିବା ଏକ ବ୍ୟାଖ୍ୟା ଦ୍ୱାରା କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ଲୋକମାନେ ଏହା ଚ଼ିହ୍ନଟ କରି ପାରିଲେ ଯେ କିଏ ସର୍ବଶେଷ ବ୍ୟବହୃତକାରୀ, କିଏ ସେବା ସାହାଯ୍ୟକାରୀ ଏବଂ ଏହି ପଦ୍ଧତିରେ ଭିଏସ୍‌ଓର କି ଭୂମିକା ।



ଯୋସେଫା ମାର୍ଟିନେଜ (ବାମ) ତାଙ୍କର ରତନ ପ୍ରକରଣ କେନ୍ଦ୍ରରେ

**ରତନ ବିଷୟ ଜାଣିବା – ଏକ ବ୍ୟବସାୟୀ ପାଖରୁ ଶିକ୍ଷା ।**

ତେଣୁ, କାହିଁକି ରତନ ? ଆଗୁସାନ୍ ଡ଼େଲ୍ ସୁର ହେଉଛି, କଞ୍ଚାମାଲ ଅଥବା ଅର୍ଦ୍ଧ କଞ୍ଚାମାଲ ରତନର ପ୍ରମୁଖ ଉତ୍ପତ୍ତି ସ୍ଥଳ । ଏଠିକାର ଆଦି ବାସିନ୍ଦା ଯେଉଁମାନେ ଉଚ୍ଚ ଭୂମିରେ ବାସକରନ୍ତି, ସେମାନେ ଜୀବିକା ନିର୍ବାହ ପାଇଁ ଜଙ୍ଗଲରୁ ଏହି ଅଣ–କାଠକୁ ସଂଗ୍ରହ କରନ୍ତି । ଯଦିଓ ବା ରତନକୁ ସଂଗ୍ରହ କରିବା ଓ ଯୋଗାଇବା ଭଳି ମହତ୍ୱପୂର୍ଣ୍ଣ କାର୍ଯ୍ୟ ସେମାନେ କରିଥାନ୍ତି, ତଥାପି ଅନେକ ସମୟରେ ରତନର ପ୍ରସ୍ତୁତି ପ୍ରଣାଳୀ ପାଇଁ ସେମାନଙ୍କୁ ଅନୁମତି ଦିଆଯାଏ ନାହିଁ । ଆମ୍ଭେମାନେ ଏହା ଯୋସେଫା ମାର୍ଟିନେଜ ସହିତ ଦେଖା କଲା ପରେ ଜାଣିଲୁ ।

ଯୋସେଫା ରତନର ଅନୁମୋଦନ ପ୍ରାପ୍ତକାରୀ ଏବଂ ଆଗୁସାନ ହାଇଲେଣ୍ଡାର ଇନ୍‌କରପୋରେଟେଡ୍ ସମବାୟର ଏକ ସଦଶ୍ୟା । ସିଏ କଞ୍ଚାମାଲ

୧୫ – ଇରନେସ୍ଟୋ ମୋନ୍ଟେସ୍ ଏବଂ ମାଲୋଉ ସାଲସେଡ଼ୋ ମଧ୍ୟ ସ୍ପାର୍କ ଫିଲିପିନସ୍ ଟିମ୍‌ରେ ଅଛନ୍ତି ।

ସଂଗ୍ରହକାରୀଙ୍କ ଠାରୁ ରତନ କିଣନ୍ତି ଏବଂ ଲାପାଜ୍ ଓ ଲୋରେଟୋରେ ତାକୁ ସଂଗ୍ରହ କରି ରଖନ୍ତି । ସିଏ ଏହି ରତନର ଅର୍ଦ୍ଧ ପ୍ରକରଣ କରି 'ସେବୁ'କୁ ରପ୍ତାନି କରନ୍ତି । ଯୋସେଫା କହନ୍ତି, ଗୋଷ୍ଠିର ଲୋକେ ତାଙ୍କୁ ରତନ ବିକ୍ରୀ କରନ୍ତି ଅଥବା କିଛି ଜିନିଷ ବଦଳରେ ଦିଅନ୍ତି । ଆଗୁସାନ ଡେଲସୁରର ରତନ ଶିଳ୍ପର ଉନ୍ନତି ପାଇଁ ଯୋସେଫା ପ୍ରଦେଶରେ ଅଧିକ ପୁଞ୍ଜି ବିନିଯୋଗ କରି ଲୋକମାନଙ୍କୁ ଉତ୍ସାହିତ କରିଥାନ୍ତି । ସେବୁକୁ ରପ୍ତାନି କରିବା ବଦଳରେ ଯଦି ଏହି ପ୍ରଦେଶରେ ଗୋଟିଏ ପ୍ରକରଣ କେନ୍ଦ୍ର ଅଥବା ଯଦି ତିଆରି ଜିନିଷ ପ୍ରସ୍ତୁତ ହୋଇପାରିଥାନ୍ତା ତେବେ ଆଗୁସାନ ଅନେକ ବେଶୀ ଲାଭବାନ ହୋଇପାରିଥାନ୍ତା । ସେ କହନ୍ତି ଏହା ଦ୍ୱାରା ରତନ ଉପରେ ନିର୍ଭର କରୁଥିବା ଗୋଷ୍ଠି ମାନଙ୍କର ଦାରିଦ୍ରତା କିଛି ଦୁର ହୋଇଥାନ୍ତା । ଯୋଶେଫା ସହିତ ସେହି ଅଞ୍ଚଳ ପରିଦର୍ଶନ କରି ଆମେ ଜାଣିଲୁ ବହୁତ ଗୋଷ୍ଠି ଏହି ରତନ ସଂଗ୍ରହରେ ଲାଗିଛନ୍ତି ମାତ୍ର ସେମାନଙ୍କ ପାଖରେ କଳା କୌଶଳର କୌଣସି ସାଧନ ନାହିଁ ତେଣୁ ସେମାନେ ଏପର୍ଯ୍ୟନ୍ତ ଲୁକ୍କାୟିତ ଭାବରେ ପଡ଼ିରହିଛନ୍ତି ।

**ରତନ ପ୍ରକ୍ରିୟାର ପଛରେ**

ରତନ ସଂଗ୍ରହକାରୀ ମାନଙ୍କର କାର୍ଯ୍ୟ ପୁରୁଷାନୁକ୍ରମେ ହୋଇଥିଲେ ମଧ୍ୟ ଏହି କାର୍ଯ୍ୟରେ ସେମାନଙ୍କର କୌଣସି ଦଖଲ ସ୍ୱତ୍ୱ ନଥିଲା । ବର୍ତ୍ତମାନ (ସିଏଡ଼ିସି) ସାର୍ଟିଫିକେଟ୍ ଅଫ୍ ଏନ୍ସେସ୍ଟାଲ ଡ଼ୋମେନସ୍ କ୍ଲେମ୍ ଦ୍ୱାରା ଅଧିକାର ପାଇ ରତନ ସଂଗ୍ରହକାରୀଙ୍କର ଜୀବିକା ନିର୍ବାହ କରିବାରେ କିଛି ସ୍ଥାୟିତ୍ୱ ଆସିଲା । ରତନ ସଂଗ୍ରହକାରୀ ଓ ବ୍ୟବସାୟୀ ମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରେ ଏହା ଗୋଟିଏ ଥିଲା, ମାତ୍ର ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ବଜାର ଦର ଉପରେ ସେମାନେ ନିର୍ଭର କରନ୍ତି ମାତ୍ର ଦର ବୃଦ୍ଧି ପାଇଁ କିଛି କରିପାରନ୍ତି ନାହିଁ, ଯଦିଓ ସେମାନେ ରତନ ଦୁର୍ଗମ ସ୍ଥାନରୁ ସଂଗ୍ରହ କରି ନାନା ବାଧା ବିଘ୍ନ ପୁଣି କିଛି ମୂଲ୍ୟ କର ଆକାରରେ ଦେଇ ଏହା ବଜାରକୁ ଆଣିଥାନ୍ତି । ମାରଟିନେଜ୍ କର୍ମଶାଳାରେ ଅଂଶ ଗ୍ରହଣକାରୀଙ୍କୁ ଏହା ଜଣାଇଥିଲେ ।

ରତନ ସଂଗ୍ରହକାରୀ ମାନେ ସାହାଯ୍ୟ ଲୋଡ଼ନ୍ତି, ଯେପରି ସେମାନଙ୍କର ରତନ ସଂଗ୍ରହ ଅମଳ ଆଦି ସହଜରେ ହୋଇପାରିବ ପୁଣି ଏ ସମ୍ପଦ ଯେପରି ଦୀର୍ଘସ୍ଥାୟୀ ହୋଇରହିବ । ଯୋଶେଫା କହନ୍ତି ସେମାନେ ବହୁତ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି ରତନ ସଂଗ୍ରହ କରି ଗୋଦାମକୁ ଆଣିବା ପାଇଁ, ଦୁର୍ଗମ ସ୍ଥାନରେ ବାସ କରୁଥିବାରୁ କୌଣସି ସାମାଜିକ ସୁଖ ସୁବିଧା ସେମାନେ ପାଆନ୍ତି ନାହିଁ, ଏହାହିଁ ସେମାନଙ୍କର ଗରୀବିର କାରଣ ।

**ରତନକୁ ଏକ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ପାଇଁ ବ୍ୟବହାର କରିବାର ଯୋଜନା**

ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର ନମୁନା ବ୍ୟବହାର କରିବା ପାଇଁ ହୋଇଥିବା କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ସଦସ୍ୟମାନେ ଉପଲବ୍ଧି କଲେ ଯେ ରତନ ସଂଗ୍ରହକାରୀ ଗୋଷ୍ଠିଙ୍କୁ ଉପଯୁକ୍ତ ବୈଷୟିକ ଜ୍ଞାନ ଦେବା, ଯେପରି ସେମାନେ ରତନ ସଂଗ୍ରହ ଏବଂ ପରିଚାଳନା ଦୀର୍ଘସ୍ଥାୟୀ ଭାବରେ କରିପାରିବେ । ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରଦେଶ ଗୁଡ଼ିକ ରତନ ଶିଳ୍ପକୁ ବୃଦ୍ଧି କରିବା ସହିତ, ଉତ୍ତମ ମାନର ରତନ ଉତ୍ପାଦନ ଗୁଡ଼ିକୁ ବଜାରକୁ ପଠାଇ ପାରିବେ । ଫୋକସ ଦଳ ମାନଙ୍କର ଦୀର୍ଘସ୍ଥାୟୀ ଜୀବିକା ନିର୍ବାହ ନମୁନା କାର୍ଯ୍ୟକ୍ରମ ମାଧ୍ୟମରେ ଅଂଶ ଗ୍ରହଣ, ଆଲୋଚନା ଓ ସାକ୍ଷାତକାର ଦ୍ୱାରା ରତନ ଉତ୍ପାଦନକାରୀ ମାନଙ୍କୁ ସାମନାକୁ ଆଣିପାରିଲେ । ଯଦିଓ ରତନ ସଂଗ୍ରହ ବହୁତ କଠିନ କାର୍ଯ୍ୟ ତଥାପି ଆଗୁସାନ୍ ଡ଼େଲ ସୁରର ଏସେସ୍ମେଣ୍ଟ କର୍ମଶାଳା ସେମାନଙ୍କର ଆବଶ୍ୟକତାକୁ ଉତ୍ତମ ବୁଝାମଣା ଦ୍ୱାରା ସାହାଯ୍ୟ ପ୍ରଦାନ କରିଥିଲେ । କର୍ମଶାଳାର ଅଭିଜ୍ଞତାକୁ ନେଇ ଭିଏସ୍ଓ, ଇଏସଏସସି ଓ ପ୍ରାଦେଶିକ ସରକାରମାନେ ରତନର ଉପଯୁକ୍ତ ଉନ୍ନତି ଓ ବ୍ୟବହାରକାରୀଙ୍କ ଆବଶ୍ୟକତା ପୁରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେଉଛନ୍ତି ।



**ଜଣେ ରତନ ପ୍ରକରଣକାରୀ ଜଙ୍ଗଲ ପାଖରେ, ସେବୁର ଫରନିଚର କାର୍ଯ୍ୟଶାଳାର କର୍ମଚାରୀ ବିରୋଧରେ**

ମାରିଏଲ୍ ଡ଼ି ଜିଜାସ ହେଉଛନ୍ତି ଇଏସଏସସିର ଜଣେ ପ୍ରୋଜେକ୍ଟ ମେନେଜର । ଅଛନ୍ତି ଫିଲିପିନସ୍ରେ ଥିବା ସ୍ପାର୍କର ହବ ଅରଗାନାଇଜେସନ୍ରେ ତାଙ୍କର ଯୋଗାଯୋଗର ଠିକଣା <esscsprk@mozcom.com>. କ୍ରିଷ୍ଟିନା ବେନ୍ତୁଗ ଜଣେ ପ୍ରୋଗ୍ରାମ ଅଫିସର ଭିଏସଓ ଫିଲିଫିନସ୍ରେ ଅଛନ୍ତି ତାଙ୍କର ଠିକଣା <christine.bantug@vsoint.org>. ଆରନେସ ମୋନ୍ଟେସ୍ ଟେକ୍ଲୋବାନ୍ ସହରର ଶିଳ୍ପ ଓ ବାଣିଜ୍ୟ ବିଭାଗରେ ଅଛନ୍ତି ତାଙ୍କର ଠିକଣା <jemkonsultresearch@yahoo.com>.ମାଲୋଉ ସେଲସିଡ଼ୋ ଆଗୁସାନ୍ ଡ଼େଲ ସୁରର ଇଏସଏସସିରେ ଅଛନ୍ତି ମିନ୍ଡାନଓରେ, ତାଙ୍କର ଠିକଣା <malou_bsalcedo@eudoramail.com>.

# ‘ଗୋଷ୍ଠି ପରିଚାଳନା ଅଞ୍ଚଳର’ ଅର୍ଥ

ଏରିଫ ଏଲିଆଡ଼ି[୧୬]

## ଜଙ୍ଗଲ ପରିଚାଳନା, ଅଂଶ ବିଭାଜନ ଏବଂ ବିବାଦ –

ଇଣ୍ଡୋନେସିଆରେ ଜଙ୍ଗଲ ମଧ୍ୟରେ ଓ ଜଙ୍ଗଲ ପାଖରେ ରହୁଥିବା ଗୋଷ୍ଠି ମାନଙ୍କୁ ଜଙ୍ଗଲ ପରିଚାଳନାରେ କୌଣସି ବିଶେଷ ସୁବିଧା ଦିଆଯାଇନାହିଁ । ଇଣ୍ଡୋନେସିଆର ୧୪୩ ମିଲିୟନ ହେକ୍ଟର ଜଙ୍ଗଲର କୌଣସି ଅଂଶ ଗୋଷ୍ଠି ମାନଙ୍କୁ ଦିଆଯାଇନାହିଁ । ଏଲଏଟିଆଇଏନ[୧୭] ଲେଟିନ୍ ସଂସ୍ଥା ଏହା ଅନୁମାନ କରନ୍ତି ଯେ ୬୦–୮୦ ମିଲିୟନ ଲୋକ (ଇଣ୍ଡୋନେସିଆର ୧/୩ ଅଂଶ) ଜଙ୍ଗଲ ଉପରେ ନିର୍ଭର କରନ୍ତି । ‘ପ୍ରୋଡ଼ାକସନ୍ ଫରେଷ୍ଟ’ ଯେଉଁ ଜଙ୍ଗଲରୁ ଜଙ୍ଗଲ ଜାତ ଦ୍ରବ୍ୟ ଉତ୍ପାଦିତ ହୁଏ ତାହା ପ୍ରାୟ (୪୫% ଭାଗର ଜଙ୍ଗଲ) ଅଞ୍ଚଳ ଯାହାକି ବେସରକାରୀ ସଂସ୍ଥା କିମ୍ବା ପାର୍ ହୁତାନି ସ୍ଥାନୀୟ ସରକାରୀ କମ୍ପାନି ଦ୍ୱାରା ପରିଚାଳନା କରାଯାଏ । ସୁରକ୍ଷିତ ଜଙ୍ଗଲ ୨୧% ଏବଂ ସଂରକ୍ଷଣ ଜଙ୍ଗଲ ୧୩% ଏହି ଅଞ୍ଚଳ ଗୁଡ଼ିକ ସରକାର ଦ୍ୱାରା, ବାଲାଇ କନ୍‌ଜାରଭାରି ସାମ୍‌ବାରଦୟା ଆଲମ (ପ୍ରାକୃତିକ ସମ୍ପଦ ସଂରକ୍ଷଣ ସଂସ୍ଥା) ମାଧ୍ୟମରେ ପରିଚାଳିତ ହୁଏ । ଏଥି ମଧ୍ୟରେ ପରିବର୍ତ୍ତିତ ଜଙ୍ଗଲ ୨୧% ଗଚ୍ଛିତ ରୁହେ ଡ୍ୟାମ ତିଆରି, ବଡ଼ ଗଛ ଲଗାଇବା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ।

ଜଙ୍ଗଲର ଏହି ଅଂଶ ବିଭାଜନ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ବିବାଦ ହୋଇଥାଏ । ପ୍ରାୟ ୨୦,୦୦୦ ହଜାର କେସ୍ ଏହି ସମ୍ବନ୍ଧରେ ଚାଲିଛି । ଶିଳ୍ପ ଉଦ୍ୟଗ ପାଇଁ ପ୍ରାକୃତିକ ସଂପଦ ତଥା ଟିକ୍ ଜଙ୍ଗଲକୁ ନଷ୍ଟ କରିବା ଜମି ପୁଣି ସଂରକ୍ଷଣ ଅଞ୍ଚଳ ଓ ବୃକ୍ଷାରୋପଣ ଆଦି । ଇଣ୍ଡୋନେସିଆର ୨ୟ ପ୍ରେସିଡେଣ୍ଟ ଜମିର ପ୍ରୟୋଜନ ପାଇଁ ଜଙ୍ଗଲର ବହୁଳ କ୍ଷୟ କ୍ଷତିକୁ ଦୃଷ୍ଟି ଗୋଚରକୁ ଆଣିଥିଲେ ।

## କର୍ମଶାଳାର ଉଦ୍ଦେଶ୍ୟ ଓ ଅର୍ଥ :

ଲେଟିନ୍, ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଲୋକମାନଙ୍କ ସହିତ କାର୍ଯ୍ୟ କରୁଛି, ସେମାନଙ୍କୁ ଅଧିକ ସୁବିଧା ଯୋଗାଇବା ପାଇଁ । ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ରକ୍ଷଣା ବେକ୍ଷଣ ଏବଂ ଏସବୁ ବିଷୟରେ ନିଷ୍ପତ୍ତି ନେବାର ଦାୟିତ୍ୱ ସେମାନଙ୍କୁ ଦିଆଯାଉଛି । "ଗୋଷ୍ଠି ପରିଚାଳନା ଅଞ୍ଚଳ" ଏହି ଉଦ୍ଦେଶ୍ୟକୁ ସାର୍ଥକ କରିବା ପାଇଁ । ଏହି ଉଦ୍ଦେଶ୍ୟ ବିଷୟରେ ଆମ୍ଭେମାନେ ବହୁତ ଆଲୋଚନା କରି ପ୍ରାୟ ୨୦୦୦ ମସିହାରୁ ଏହାକୁ ଚାଲୁ କରିବା ପାଇଁ ଚେଷ୍ଟା କରୁଛୁ । କିନ୍ତୁ ପ୍ରକୃତ କାର୍ଯ୍ୟ କ୍ଷେତ୍ରରେ ଏହି ଉଦ୍ଦେଶ୍ୟ ସଫଳରେ ବହୁତ ବାଧା ଆସୁଛି । କାହିଁକିନା ଆମ୍ଭେମାନେ ବୁଝି ଦେଖିଲୁ ଏହି ଉଦ୍ଦେଶ୍ୟର ଅର୍ଥ ସମସ୍ତେ ଅଲଗା ଅଲଗା ବୁଝିଛନ୍ତି ଯେପରି ଆମ୍ଭେମାନେ, ସହଯୋଗୀମାନେ ଏନ୍‌ଜିଓ ସଂସ୍ଥା ମାନ ପୁଣି ସରକାର ।

ଜୁନ୍ ୨୦୦୩ରେ ଲେଟିନ୍ ଠାରେ ହୋଇଥିବା କର୍ମଶାଳାରେ ଆମ୍ଭେମାନେ ଚେଷ୍ଟା କରିଥିଲୁ "ଗୋଷ୍ଠି ପରିଚାଳନା ଅଞ୍ଚଳ"ର ଉଦ୍ଦେଶ୍ୟ ଏବଂ ଅର୍ଥ ବିଷୟରେ ବିସ୍ତୃତ ଆଲୋଚନା କରିବା ପାଇଁ ଏହି କର୍ମଶାଳାର ସୂକ୍ଷ୍ମ ଉଦ୍ଦେଶ୍ୟ ଥିଲା "ଗୋଷ୍ଠି ପରିଚାଳନା ଅଞ୍ଚଳ" ବିଷୟରେ ବୁଝିବା ଅଂଶିଦାର ମାନଙ୍କୁ ଏ ବିଷୟରେ ପରିଷ୍କାର ଭାବରେ ଅର୍ଥ ବୁଝାଇବା ପୁଣି ସେମାନଙ୍କର ସଂଦେହ ଦୂର କରିବା ।

## କର୍ମଶାଳାର ପ୍ରକ୍ରୀୟା :–

ଜୀବିକା ନିର୍ବାହ ଓ ଭାଷା କର୍ମଶାଳାରୁ ଆମେ ଉପଯୋଗୀ ବିବରଣୀକୁ ସାଧନ ହିସାବରେ ବ୍ୟବହାର କଲୁ, "କଥୋପକଥନ ଅଂଶିଦାର"କୁ ସ୍ଥିର କରିବା, ଅଂଶିଦାର ମାନଙ୍କର ଆକାଂକ୍ଷାକୁ ପ୍ରାଞ୍ଜଳ ଭାବରେ ବୁଝିବା, କର୍ମଶାଳାର ଉଦ୍ଦେଶ୍ୟ ପୁଣି ଏହି ସବୁର ଅର୍ଥକୁ ପରସ୍ପର ମଧ୍ୟରେ ବୁଝିବା ପାଇଁ ।

## ‘କଥୋପକଥନ ଅଂଶୀଦାର’ ସ୍ଥିର କରିବା

କର୍ମଶାଳାର କଥୋପକଥନ ଅଂଶୀଦାର ମାନେ ହେଉଛନ୍ତି ଲେଟିନ୍‌ର ଫିଲଡ୍ ଅଫିସର୍ ମାନେ ଯେଉଁମାନେ ଚାରୋଟି ଅଞ୍ଚଳରେ କାର୍ଯ୍ୟ କରନ୍ତି । ଆମର ଅଂଶୀଦାରମାନେ ହେଉଛନ୍ତି : କାନୋପି ୱେଷ୍ଟ ଜାଭାର କୁନିନ୍‌ଗାଜରୁ, କାଇଲ ଇଷ୍ଟ ଜାଭାର ଜେମବାରରୁ, ଏବଂ ୟାପି ଏମ୍‌ଡି ୱେଷ୍ଟ ନୁସା ତେନ୍‌ଗାରାର ଡ଼ମ୍‌ପୁରୁ । ସବୁ ଅଂଶୀଦାର ମାନେ ଏନ୍‌ଜିଓର କର୍ମଚାରୀ ଓ ଯେଉଁ ମାନଙ୍କର ପ୍ରାୟ ପାଞ୍ଚ ବର୍ଷର ଅନୁଭୁତି ଅଛି ସେହି ଲୋକମାନଙ୍କର ଜୀବନଶୈଳି ଉପରେ ଯେଉଁମାନେ ଜଙ୍ଗଲ ଉପରେ ଜୀବିକା ପାଇଁ ନିର୍ଭର କରନ୍ତି । କର୍ମଶାଳାରେ ଆମ୍ଭେମାନେ ସ୍ଥାନିୟ ଭାଷା ବାହାସା ଇଣ୍ଡୋନେସିଆ ବ୍ୟବହାର କରିଥିଲୁ, ଆମର କଥୋପକଥନ ଅଂଶୀଦାର ମାନେ ଡ଼ମ୍‌ଠୁ, ଜାଭାନିଜ ଓ ସୁନ୍‌ଡାଜିକ ଭାଷା ଜାଣିଛନ୍ତି ।

## ପ୍ରତ୍ୟାଶା ଏବଂ କର୍ମଶାଳାର ଉଦ୍ଦେଶ୍ୟ ସ୍ୱଷ୍ଟ କରିବା –

ଆମ୍ଭେମାନେ ପ୍ରଥମେ କର୍ମଶାଳାର ଅଂଶଗ୍ରହଣକାରୀ ମାନଙ୍କର ପ୍ରତ୍ୟାଶାକୁ ସ୍ୱଷ୍ଟ କରିବା । କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ଆମେ ବୁଝାଇବା ଓ ଆଲୋଚନା କରିବା ଯାହା ଦ୍ୱାରା ଆମର ପ୍ରାପ୍ତି ଉପରେ ଆମେ ଦୃଷ୍ଟିପାତ କରିପାରିବା । ଗୋଷ୍ଠି ପରିଚାଳନା ଅଞ୍ଚଳ ବିଷୟରେ ପ୍ରଶ୍ନ, ମତାମତ ଓ ବିଭିନ୍ନ ଦିଗ ବିଷୟରେ ଅଂଶ ଗ୍ରହଣକାରୀମାନେ ସେମାନଙ୍କର ଅଭିଜ୍ଞତା ଜଣାଇଲେ ।

---

୧୬ – ପ୍ରୀଓ ଆସ୍‌ମୋରୋ, ଲାତିପାହ ସ୍ମିତ ହେନ୍‌ଡ଼ାରତି ଏବଂ ତାବିଥା ୟୁଲିଟା ଏ ସମସ୍ତେ ସ୍ୱାର୍କ ଇଣ୍ଡୋନେସିଆ ଟିମ୍‌ରେ ଅଛନ୍ତି ।

୧୭ – ଲେମ୍ ବାଗା ଆଲମ୍ ଟ୍ରପିକା ଇଣ୍ଡୋନେସିଆ (ଇଣ୍ଡୋନେସିୟାନ ଟ୍ରପିକାଲ୍ ଇନ୍‌ଷ୍ଟିଚ୍ୟୁସନ)

**'ଗୋଷ୍ଠି ପରିଚ଼ାଳନା ଅଞ୍ଚଳ'ର ଅର୍ଥ ବୁଝିବା ଓ ଏକ ଶେଷ ସୀମାରେ ପହଁଞ୍ଚିବା –**

ଅଂଶ ଗ୍ରହଣକାରୀମାନେ ଗୋଷ୍ଠି ପରିଚ଼ାଳନା ଅଞ୍ଚଳର ଅର୍ଥକୁ ଗୋଟିଏ କାର୍ଡରେ ଲେଖି ଧଳା ବୋର୍ଡରେ ଲଗାଉଥିଲେ ଏବଂ ସେ ବିଷୟରେ ଅନ୍ୟମାନଙ୍କୁ ବୁଝାଉଥିଲେ ଅନ୍ୟମାନେ ମଧ୍ୟ ଏଥିରେ ମନଯୋଗ କରୁଥିଲେ । ଏହି ପଦ୍ଧତି ଦ୍ୱାରା ଗୋଷ୍ଠି ପରିଚ଼ାଳନା ଅଞ୍ଚଳର ଅର୍ଥ କିଛିଟା ବୁଝାଯାଇଥିଲା ଏବଂ ଆମ୍ଭେମାନେ ଏକ ଶେଷ ସୀମାରେ ପହଞ୍ଚି ପାରିଥିଲୁ ।

**ଗୋଷ୍ଠି ପରିଚ଼ାଳନା ଅଞ୍ଚଳର କିଛି ଅର୍ଥ :**

ସ୍ଥାନୀୟ ବାସୀନ୍ଦା ମାନଙ୍କର ପ୍ରାକୃତିକ ସମ୍ପଦ ଉପରେ ଅଧିକାର ରହିଲା, ଯାହାଫଳରେ ସେମାନେ ନିଜର ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ କରିପାରିବେ । ସ୍ଥାନୀୟ ଦକ୍ଷତାର ବୃଦ୍ଧି ନିର୍ଭର କରୁଛି ସ୍ଥାନୀୟ ସମ୍ପଦର ଅର୍ଥନୈତିକ ଉନ୍ନତି ଉପରେ, ଶିକ୍ଷା ଦ୍ୱାରା ଲୋକମାନେ ପରସ୍ପର ସହିତ ଜଡ଼ିତ ହେବେ ଓ ସହଯୋଗ ସ୍ଥାପନ କରିବେ । ମେନେଜମେଣ୍ଟର କାର୍ଯ୍ୟ ହେଉଛି, ଅଧିକାର ଏବଂ ଦାୟିତ୍ୱକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟିବା ଯେଉଁମାନେ ଏହି ଅଞ୍ଚଳ ପାଇଁ ଆଗ୍ରହୀ ଅଛନ୍ତି ।

ସ୍ଥାନୀୟ ବାସିନ୍ଦା ମାନଙ୍କର ଜଙ୍ଗଲ ଉପରେ ମାଲିକାନା ଅଧିକାର ଅଛି, ସେମାନେ ଜଙ୍ଗଲର ପରିଚ଼ାଳନା ଓ ନିୟମ ମାନର ବୃଦ୍ଧି କରିପାରିବେ । ଅଧିକାଂଶ ଲୋକ ଏହି ପରିଚ଼ାଳନା ଅଧିକାରରେ ସନ୍ତୁଷ୍ଟ ନୁହଁନ୍ତି, ସେମାନେ ଏହା ନିଜସ୍ୱ ସଂପତ୍ତି କରିବା ପାଇଁ ଚ଼ାହାଁନ୍ତି । ବିଶେଷ କରି ଯେତେବେଳେ ଏ ବିଷୟରେ ମନା କରାଗଲା । ପୂର୍ବରୁ ବ୍ୟକ୍ତି ବିଶେଷ ଓ ସରକାର ଦ୍ୱାରା ବ୍ୟବହୃତ ଜମିକୁ ଏକ "ଗୋଷ୍ଠି ପରିଚ଼ାଳିତ ଅଞ୍ଚଳ" ଫେରାଇ ନେଇ ପାରିବ । ଜଙ୍ଗଲ ପରିଚ଼ାଳନାରେ ସ୍ଥାନୀୟ ଲୋକମାନେ ଭାଗ ନେଇ ପାରିବେ ନେତୃତ୍ୱ ଓ ମୂଲ୍ୟାୟନ ମାଧ୍ୟମରେ । ନିଷ୍ପତ୍ତି ଗ୍ରହଣ କାର୍ଯ୍ୟକ୍ରମରେ ସେମାନେ ଭାଗ ନେଇପାରିବେ ।

ସ୍ଥାନୀୟ ବାସିନ୍ଦା ମାନଙ୍କର ପ୍ରାକୃତିକ ସମ୍ପଦର ସ୍ଥାନ ଏବଂ ସମୟ ପରିଧି ଉପରେ ଅଧିକାର ଥିଲା । ଯେଉଁ ସ୍ଥାନରେ ଜଙ୍ଗଲର ପ୍ରାକୃତିକ ସମ୍ପଦ ଅଛି ନିଶ୍ଚିତ ଭାବରେ ଦୀର୍ଘ ମିଆଦି ସୂତ୍ରରେ ସେମାନେ ତାହା ବ୍ୟବହାର କରିପାରିବେ, କେବଳ ବର୍ଷେ ୨ବର୍ଷ ନୁହେଁ ମାତ୍ର ଭବିଷ୍ୟତ ପିଢ଼ି ପର୍ଯ୍ୟନ୍ତ । ମାତ୍ର ସେ ସ୍ଥାନ ସେମାନେ କିଣା–ବିକା କରିପାରିବେ ନାହିଁ, ଯଦିଓ ଏହାର ଉତ୍ପାଦନ ସେମାନଙ୍କର ଦୀର୍ଘ ଦିନ ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗିବ, ଯେତେଦିନ ପର୍ଯ୍ୟନ୍ତ ଏହି ସୁବିଧାରେ କୌଣସି ଊଣା କରାନଯାଇଛି ।

**"ଗୋଷ୍ଠି ପରିଚ଼ାଳନା ଅଞ୍ଚଳ"ବିଷୟରେ କିଛି ସିଦ୍ଧାନ୍ତ**

କର୍ମଶାଳାରେ ଅଂଶ ଗ୍ରହଣକାରୀମାନେ 'ଗୋଷ୍ଠି ପରିଚ଼ାଳନା ଅଞ୍ଚଳ' ବିଷୟରେ ନାନା ପ୍ରକାର ମତା ମତ ଦର୍ଶାଇଥିଲେ । ସେଥିମଧ୍ୟରୁ ଆମ୍ଭେମାନେ ଏହି ସିଦ୍ଧାନ୍ତରେ ପହଁଞ୍ଚିଲୁ ।

- ଏକ 'ଗୋଷ୍ଠି ପରିଚ଼ାଳନା ଅଞ୍ଚଳ'କୁ ଆମେ ଚ଼ିହ୍ନଟ କରିପାରିବା ତାର ପ୍ରାକୃତିକ ପରିବେଶ, ରାଜନୈତିକ ଏ ସମୟାନୁବର୍ତ୍ତିତା ମାଧ୍ୟମରେ । ଏହା ମଧ୍ୟରେ ରହିଛି ଜଙ୍ଗଲ ଉତ୍ପାଦନ, ଜାତୀୟ ଉଦ୍ୟାନ, ବୃକ୍ଷରୋପଣ ଯାହାକି ସରକାରୀ ଅଥବା ବେସରକାରୀ ସଂସ୍ଥା ଦ୍ୱାରା ପରିଚ଼ାଳିତ ହୁଏ । ଏହା ଅଂଶ ଧାରକ ମାନଙ୍କର ବିଭିନ୍ନ ଆଲୋଚ଼ନାର ସ୍ଥଳ । ସେମାନଙ୍କର ଭୂମିକା ସେମାନେ ବୁଝିପାରନ୍ତି, ଅଧିକାର, ଦାୟିତ୍ୱ, ଲାଭ ଓ ସମ୍ପର୍କର ସ୍ୱଷ୍ଟିକରଣ ଦ୍ୱାରା । ଗୋଷ୍ଠି ପରିଚ଼ାଳନା ଅଞ୍ଚଳର ଏକ ସମୟ ପରିଧି ରହିଛି, ଯାହାକି ଦୀର୍ଘ ମିଆଦି ଲାଭ ପାଇବା ପାଇଁ ପ୍ରତିଶୃତି ଦିଏ ।
- ପିମ୍ ବାଟ୍ (୨୦୦୩) ଅନୁଯାୟୀ ସର୍ବୋଚ୍ଚ ଅଂଶଗ୍ରହଣକାରୀ ହେଉଛି ନିଜକୁ କାର୍ଯ୍ୟରେ ସଂଶ୍ଳିଷ୍ଟ କରିବା, ଯେତେବେଳେ ସମାଜ ନିଜେ ଏହି ପଦ୍ଧତିକୁ ପରିବର୍ତ୍ତନ କରିବା ପାଇଁ ପ୍ରାରମ୍ଭ କଲା । ଏହି ପରିସୀମାରେ ପହଞ୍ଚିବା ପାଇଁ ଅନେକ ଗୁଡ଼ିକ ପଦ୍ଧତି ମାଧ୍ୟମରେ ଗତି କରିବାକୁ ହେବ ସେଥିରୁ ଗୋଟିଏ, ଆଗ୍ରହୀ ଅଂଶିଦାର ମାନଙ୍କ ମଧ୍ୟରେ ବୁଝାମଣା । ଏହି ପଦ୍ଧତି ସରକାରୀ ଅଧିକାରୀ ମାନଙ୍କ ମଧ୍ୟରେ ପରିବର୍ତ୍ତନ ଆଣିଲା ସେମାନେ ପ୍ରକଳ୍ପ ମୁଖ୍ୟ ଅଧିକାରୀ ନହୋଇ ସମାଜ ସେବାରେ କିପରି କାର୍ଯ୍ୟ କରିପାରିବେ ସେପ୍ରତି ସଚ଼େତନ ହେଲେ । ସ୍ଥାନୀୟ ଲୋକମାନେ ଏଥିରେ ମୁଖ୍ୟ ଭୂମିକା ନିଭାଇଲେ, ସେମାନେ ପରିସ୍ଥିତି ବିଶ୍ଳେଷଣ, ସମାଧାନ ତିଆରି ପ୍ରଣାଳୀ, ଲାଗୁ କରିବା, ନେତୃତ୍ୱ ନେବା ଓ ମୂଲ୍ୟାୟନ କରିବାରେ ଅଂଶ ଗ୍ରହଣ କଲେ । ସଂସ୍ଥା ମଧ୍ୟରେ ଏହା ଏକ ପରିବର୍ତ୍ତନ ଆଣିଲା, ଗୋଷ୍ଠି ନୂଆ ଜ୍ଞାନ ଓ କୌଶଳ ଦରକାର କଲା ସେଥିପାଇଁ ସେ ସମାଜ ସହିତ ଯୋଗାଯୋଗ ସ୍ଥାପନ କଲା, ଏହା ସହିତ ଜଙ୍ଗଲରେ ବୃକ୍ଷରୋପଣର କଳାକୌଶଳ ମଧ୍ୟ ଶିକ୍ଷା କଲେ ।

**ସଂପର୍କରେ :**

ମୁହମ୍ମଦ ସି, ସଙ୍ଗରୋ ଡ଼ି. ଡବ୍ଲୁ, ସାଙ୍ଗକୋୟ ଏଚ୍, ଫାଉଜି ଏନ୍ ୨୦୦୦ ମେନ୍‌ଜେଲୋଲା ଇଣ୍ଡୋନେସିଆ, ମେନ୍‌ଜେଲୋଲା କେସେଲାମାତନ୍ ରକିୟାତ୍ (ଇଣ୍ଡୋନେସିଆକୁ ପରିଚ଼ାଳନା କରନ୍ତି, ଲୋକମାନଙ୍କର ଜୀବିକାକୁ ପରିଚ଼ାଳିତ କରନ୍ତି ) ଜାରନାଲ କମୁନିଟି ଫରେଷ୍ଟ୍ରି ୩.ବୋଗର : ପୁସ୍ତକା ଲେଟିନ୍ ।

ପିମ୍ ବାରଟ୍ ଏମ୍ ୨୦୦୩. ଅଂଶ ଗ୍ରହଣ ପାଇଁ ପ୍ରତିଶୃତି । ଜୁଲାଇରେ ବୀଜରୋପଣ, ବାରସେଲୋନା ସ୍ପେନ୍ : ଜିଆର୍‌ଏଆଇଏନ୍ (ଜେନ୍‌ଟିକ୍ ରିସାର୍ଚ ଏକସନ୍ ଇନ୍‌ଟାରନେସନାଲ)

ଆରିଫ ଆଲିଆଡ଼ି, ଇଏ ଲେଟିନ୍ ସହିତ ଅଛନ୍ତି ଯାହା କି ସ୍ପାର୍କ ଇଣ୍ଡୋନେସିଆ ବୋଗରର ଏକ ହବ ଅରଗାନାଇଜେସନ୍ । ତାଙ୍କ ସହିତ ଯୋଗାଯୋଗ କରିପାରିବେ – **<aaliadi @latin.or.id>.** ପ୍ରୀୟ ଆସ୍‌ମୋରୋ, ଭିଏସଓ ଇଣ୍ଡୋନେସିଆର ଜଣେ ପ୍ରୋଗ୍ରାମ ଏରିଆ ମେନେଜର । ତାଙ୍କର ଯୋଗାଯୋଗ ଠିକଣା **<priyo.asmoro@vsoint.org>** ଲତିପାହ୍ ସ୍ମିତ ହେନ୍‌ଡାରତି ଅଛନ୍ତି ଏନ୍‌ଜିଓ ଆରଏମଆଇରେ (ଇଣ୍ଡୋନେସିୟାନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଫରେଷ୍ଟ ଏଣ୍ଡ ଇନ୍‌ଭିରନ୍‌ମେଣ୍ଟ) ସ୍ପାର୍କ ଡ଼େଭାଇଜରି ଗ୍ରୁପ୍‌ର ଜଣେ ସଦସ୍ୟ । ତାଙ୍କର ଯୋଗାଯୋଗର ଠିକଣା **<rmibogor@indo.net.id>.** ତାବିଥା ୟୁଲିଟା ସ୍ପାର୍କ ଇଣ୍ଡୋନେସିଆର ଜଣେ ପ୍ରୋଗ୍ରାମ ଏସିସ୍‌ଟେଣ୍ଟ ତାଙ୍କର ଠିକଣା **<spark@vsoint.org>.**

# ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତି ଉପରେ ପ୍ରାପ୍ତ ଶିକ୍ଷା

ଗ୍ରାହମ ହେଲର ଏବଂ ରୋନେଟ୍ ସନ୍ତୋଷ

**ପରସ୍ପର ମଧ୍ୟରେ ଅର୍ଥ ବୁଝାମଣା –**

ଫେବୃୟାରୀ ୨୦୦୩ ମସିହାରେ ଆମେ ଦୁଇ ଜଣ ଏବଂ ଆମ୍ଭ ମାନଙ୍କର ସହକର୍ମୀ ସାଉନ୍ ଭିନ୍‌ସେନ୍‌ଟ୍, ଆମ୍ଭେମାନେ ସ୍ଥାନୀୟ ପରିସ୍ଥିତି ଓ ଗୋଷ୍ଠି ମାନଙ୍କ ସହିତ କିପରି ଜଡ଼ିତ ଅଛୁ ତାର ଜଟିଳତାକୁ ଶିକ୍ଷା ଓ ବୁଝିବା ପାଇଁ ଆଲୋଚ଼ନା କରିଥିଲୁ । ଆମ୍ଭେମାନେ ଆମ ସାଙ୍ଗରେ କାର୍ଯ୍ୟ କରୁଥିବା ଲୋକଙ୍କର ଜୀବନ ଧାରଣ ପ୍ରଣାଳି ଉପରେ ମଧ୍ୟ ଆଲୋଚ଼ନା କରିଥିଲୁ, ସେମାନେ ହେଉଛନ୍ତି ସ୍ଥାନୀୟ ଉନ୍ନୟନ ସଂସ୍ଥା ଯେପରି କ୍ଷ୍ରୀମ୍, ସ୍ମାର୍କ ଏବଂ ଭିଏସ୍‌ଓର ସଦସ୍ୟ ।

ଯଦିଓ ଆମେ ଦୁଇ ଜଣ ଇଂରାଜୀ ଭାଷା କହିବା ଲୋକ ଥିଲୁ ଓ ତୃତୀୟ ଜଣ ଭଲ ଭାବରେ ଇଂରାଜୀ ଭାଷା ବୁଝି ପାରୁଥିଲେ ତଥାପି କେତେଗୁଡ଼ିଏ ଶବ୍ଦ ଯଥା :– ସମ୍ପତ୍ତି, ଦାରିଦ୍ରତା, ଆକ୍ରମଣାତ୍ମକ କ୍ଷମତା ଏପରିକି ଜୀବିକା ନିର୍ବାହର ଅର୍ଥ ବୁଝିବା ପାଇଁ ଆମକୁ କଷ୍ଟ ହୋଇଥିଲା । ଆମ୍ଭେମାନେ ଏହା ସ୍ୱୀକାର କଲୁ ଯେ ଅଂଶ ଗ୍ରହଣକାରୀ ଜୀବିକା ନିର୍ବାହ ବିଶ୍ଳେଷଣ ହିଁ ଅର୍ଥ ବୁଝିବାର ଏକ ଚ଼ାବିକାଠି । ଏହି ଅସୁବିଧା ଆହୁରି ଜଟିଳ ହେଲା ଯେତେବେଳେ ଆମେ ଜାଣିଲୁ ଯେ ସ୍ମାର୍କ ଏବଂ କ୍ଷ୍ରୀମ୍ ମିଳିତ ଭାବେ ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆରେ କାର୍ଯ୍ୟ କଲାବେଳେ ୧୪ଟି ବିଭିନ୍ନ ଭାଷା ବ୍ୟବହାର କରନ୍ତି । ଏଠାରେ ବ୍ୟକ୍ତିଗତ ଅନ୍ତର୍ଦୃଷ୍ଟି ରହିବା ଆବଶ୍ୟକ, ଯେପରି ବିଶେଷଜ୍ଞ ମାନେ ଭାଷା ବୁଝାମଣାର ଜଟିଳତା ବିଷୟରେ ନଜାଣି ଜୀବିକା ନିର୍ବାହର ସଂକଟ ବିଷୟରେ ଉପ କଥା ମାନ କହିଥାନ୍ତି ଏବଂ ଏହି ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ଅନୁବାଦକାରୀ ଦ୍ୱାରା ଏ ସମସ୍ତଙ୍କୁ ବୁଝିବା ପାଇଁ ସାହାଯ୍ୟ କରାଯାଇଥାଏ ।

ଏହା ସତ୍ୟ ଯେ ଯେତେବେଳେ ପ୍ରଥମ ଥର ପାଇଁ ପରସ୍ପର ସହିତ ଲୋକମାନେ ମିଳନ୍ତି, ସେତେବେଳେ ଭାଷାର ଅର୍ଥ ବୁଝିବା ପାଇଁ ବହୁତ ଅସୁବିଧା ହୋଇଥାଏ । ମାତ୍ର ବାରମ୍ବାର ମିଳିତ ହେବା ଦ୍ୱାରା ଗୋଟିଏ ଦେଶ ମଧ୍ୟରେ ଥିବା ବିଭିନ୍ନ ଭାଷା ଓ ଗୋଷ୍ଠି ମାନଙ୍କ ସହିତ ଭାଷାର ଆଦାନ ପ୍ରଦାନ, ଶିକ୍ଷା ଏବଂ ଚ଼େଷ୍ଟା ଦ୍ୱାରା ଏହି ଅସୁବିଧା ଦୁର ହୋଇଥାଏ । ଯଦିଓ ଏହି ଭାଷାଗତ ସମସ୍ୟା ଏକ ପ୍ରତିଦ୍ୱନ୍ଦିତା ମୂଳକ ଓ କଠିନ ଥିଲା, ତଥାପି କ୍ଷ୍ରୀମ୍ ପତ୍ରିକାର ଏହି ସଂଖ୍ୟାରେ ସ୍ମାର୍କ ଓ କ୍ଷ୍ରୀମ୍‌ର ସଦସ୍ୟମାନେ ବିଭିନ୍ନ ଭାଷାର ପ୍ରୟୋଗରେ ଆସିଥିବା ମହତ୍ତ୍ୱପୂର୍ଣ୍ଣ ଅନୁକୂଳତାକୁ ବର୍ଣ୍ଣନା କରିଛନ୍ତି ।

**ମାର୍ଗ ଦର୍ଶନର ଅନୁସନ୍ଧାନ :**

ଆମ୍ଭ ମାନଙ୍କର ଏକ ଜାଗୃତିର ପ୍ରଯୋଜନ ଥିଲା ଯାହାକି ଆମକୁ ମାର୍ଗ ଦର୍ଶନ କରିଥିଲା, ଶିକ୍ଷା ଏବଂ ଯୋଗାଯୋଗ ପଦ୍ଧତିକୁ ପରିଚ଼ାଳନା କରିବା ପାଇଁ । ଜୀବିକା ନିର୍ବାହ ଓ ଭାଷା ଉପରେ ସ୍ମାର୍କ ଓ କ୍ଷ୍ରୀମ୍ ମିଳିତ ଭାବରେ ଦୁଇଟି କର୍ମଶାଳାର ଆୟୋଜନ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଜୀବିକା ନିର୍ବାହ ଓ ଭାଷା ଉପରେ ଏକ ମାର୍ଗ ଦର୍ଶନ । ସ୍ମାର୍କ ଏପ୍ରେଲ୍ ୨୦୦୩ରେ ବ୍ୟାଙ୍କକକ୍‌ରେ ଗୋଟିଏ କର୍ମଶାଳା କରିଥିଲା ଏବଂ ୨ୟଟି କ୍ଷ୍ରୀମ୍ ଜୁନ୍ ୨୦୦୩ରେ ଫିଲିପିନସର ଟାଗେଟେ ସହରରେ ଏଫଏଓ[୧୮]ର ସହଯୋଗରେ କରିଥିଲା ଏଫଏଓ କ୍ଷ୍ରୀମ୍‌ର ଏକ ସହଯୋଗୀ ସଂସ୍ଥା ଏବଂ ସେମାନେ ଜୀବିକା ନିର୍ବାହରେ ଭାଷାର ମହତ୍ତ୍ୱକୁ ବୁଝିଥିଲେ ।

କର୍ମଶାଳା ସମୟରେ ଓ ମଧ୍ୟରେ ଆମ୍ଭ ମାନଙ୍କର ଅନୁଭୁତିର ଆଦାନ ପ୍ରଦାନ ଆମ୍ଭମାନଙ୍କୁ ଆମର ମାର୍ଗଦର୍ଶନର ପ୍ରୟୋଜନୀୟତା ବିଷୟରେ ବୁଝିବା ପାଇଁ ସାହାଯ୍ୟ କରିଥିଲା । ବିଭିନ୍ନ ସଂସ୍ଥା, ଓ ଗୋଷ୍ଠି ମଧ୍ୟରେ ଶିକ୍ଷା ଓ ଯୋଗାଯୋଗର ଆଦାନ ପ୍ରଦାନ କରିବା ଦ୍ୱାରା ପରସ୍ପର ଉପରେ ବିଶ୍ୱାସ ଜନ୍ମିଛି, ଯାହାକି ପରସ୍ପର ଦ୍ୱାରା ମିଳିତ ଭାବରେ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକାରୀ କରି ଗୋଷ୍ଠି ମାନଙ୍କର ଜୀବିକା ନିର୍ବାହର ଉନ୍ନତି ସାଧନ କରିବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଛି । (ପ୍ରଥମ ପୃଷ୍ଠାର କୋପଲେଓ ସେଭେଜର ଲେଖା ଦେଖନ୍ତୁ)

ଆମ୍ଭ ମାନଙ୍କର ପୂର୍ବ "ଜୀବିକା ନିର୍ବାହ ଓ ଭାଷାର ମାର୍ଗ ଦର୍ଶକ" ବର୍ତ୍ତମାନ ଜୀବିକା ନିର୍ବାହ ବିଷୟରେ ଶିକ୍ଷା ଏବଂ ଯୋଗାଯୋଗର ମାର୍ଗଦର୍ଶକ ହୋଇଛନ୍ତି । ବର୍ତ୍ତମାନ୍ ସେହି ମାର୍ଗ ଦର୍ଶକ ତିନି ଧାରାର ଏକ ପଦ୍ଧତି ବିଷୟରେ ବର୍ଣ୍ଣନା କରିଛନ୍ତି । (ଶେଷ ପୃଷ୍ଠାର ଡ଼ାଇଗ୍ରାମ ଦେଖନ୍ତୁ)

୧ – ବାର୍ତ୍ତାଳାପ ଦଳ ସ୍ଥିର କରିବା – ଏ ସମସ୍ତ ସାଧନକୁ ବ୍ୟବହାର କରିବା ଯଥା – ବାର୍ତ୍ତାଳାପ କରିବାର ସହଯୋଗୀ, ସମ୍ପର୍କ, ଯୋଗାଯୋଗ ସୂତ୍ର, ଭାଷା ଓ ପ୍ରାନ୍ତୀୟ ଭାଷା ଶୈଳି ।

୨ – ଏକ ସନ୍ନତ ସୁଚକ ଉପାୟ ମାଧ୍ୟମରେ ଅର୍ଥକୁ ପରସ୍ପର ମଧ୍ୟରେ ବୁଝିବା, ଉଦାହରଣ ଗଳ୍ପ ଓ ଭାଷା କୋଷ ସାହାଯ୍ୟରେ ।

୩ – ଏବଂ ପରସ୍ପର ମଧ୍ୟରେ ବୁଝାମଣା କରିବା, ବର୍ତ୍ତମାନ ଆମ୍ଭମାନଙ୍କ ପାଖରେ ଥିବା ଜୀବିକା ନିର୍ବାହ ବିଶ୍ଳେଷଣ ବସ୍ତାବେଜର ନିର୍ଦ୍ଦେଶ ଅନୁଯାୟୀ ଯେପରି ଜୀବିକା ନିର୍ବାହର ପଦ୍ଧତି, ବ୍ୟାଖ୍ୟା ଏବଂ ସମ୍ବଳ ।

ଆମ୍ଭେମାନେ ଆଶା କରୁଛୁ ଏହି ପଦ୍ଧତି ଦ୍ୱାରା ପରସ୍ପର ମଧ୍ୟରେ ବିଶ୍ୱାସ ସ୍ଥାପନ ହେବ ଓ ଏହା ଆମ୍ଭ ମାନଙ୍କୁ ସାହାଯ୍ୟ କରିବ :–

---

୧୮ – ୟୁନାଇଟେଡ଼ ନେସନର ଖାଦ୍ୟ ଏବଂ କୃଷି ସଂସ୍ଥା

- ଆମର କଥୋପକଥନ ସହକର୍ମୀ ନିର୍ବାଚନ କରିବାରେ ।
- ଆମର ସମ୍ପର୍କକୁ ସେମାନଙ୍କ ମଧ୍ୟରେ ଓ ଅନ୍ୟ ଅଂଶଧାରକ ମଧ୍ୟରେ ପ୍ରସାର କରିପାରିବ ।
- ଯୋଗାଯୋଗ ସୂତ୍ର ବିଷୟରେ ଜାଗୃତି ଆଣିବା ।
- ଏବଂ ଚିହ୍ନି ପାରିବା ସେଇ ଭାଷା ଏବଂ ପରମ୍ପରାଗତ କଥାକୁ ଯାହା ମାଧ୍ୟମରେ ଆମେ ସମସ୍ତେ କାର୍ଯ୍ୟ କରୁଛୁ ।

**ଦୃଷ୍ଟି ଗୋଚରକୁ ଆଣିବାର ମୂଲ୍ୟ ବା ଲାଭ –**

ଏହି ପଦ୍ଧତି ଓ ସାଦନ ଗୁଡ଼ିକ ବର୍ତ୍ତମାନ କାର୍ଯ୍ୟରତ, ଜୀବିକା ନିର୍ବାହ ଏବଂ ଭାଷା କର୍ମଶାଳାରେ ଯୋଗ ଦେଇଥିବା ସମସ୍ତ ଅଂଶ ଗ୍ରହଣକାରୀ ମାନେ ଏହାକୁ ନିଜ କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟରେ ଲଗାଉଛନ୍ତି ପୁଣି ନିଜର ଅନୁଭୁତି ଦ୍ୱାରା "ଜୀବିକା ନିର୍ବାହ ବିଷୟରେ ଶିକ୍ଷା ଓ ଯୋଗାଯୋଗର ଏକ ମାର୍ଗଦର୍ଶକ" ବାବରେ ତିଆରି ହେଉଚନ୍ତି । ଏହା ନିଷ୍ଚିତ ଭାବରେ କିଛି ମୂଲ୍ୟର ପ୍ରମାଣ ଦର୍ଶାଉଛି । ଉଦାହରଣ ସ୍ୱରୁପ :–

ଷ୍ଟ୍ରୀମ୍ ଦେଶ ଗୁଡ଼ିକ, ଭାରତ, ନେପାଳ ଏବଂ ଫିଲିପାଇନସରେ ଶବ୍ଦକୋଷ, ଗଳ୍ପ ଓ ଆଲୋଚ଼ନା ମାଧ୍ୟମରେ ଜୀବିକା ନିର୍ବାହ ସମ୍ବନ୍ଧରେ ଭଲ ବୁଝାମଣା ହୋଇପାରିଛି । ସେପରି କାମ୍ବୋଡ଼ିଆରେ ସାକ୍ଷାତକାର ମାଧ୍ୟମରେ କ୍ଷେତ୍ର ମାନଙ୍କରେ ଅଗ୍ରଗତି ହୋଇପାରିଛି । ଭିଏତନାମରେ ଏକ ବୃହତ ଶବ୍ଦକୋଷ ଜୀବିକା ନିର୍ବାହ ସମ୍ବନ୍ଧରେ ତିଆରି କରି, ସେହି ଶବ୍ଦକୋଷ ସାହାଯ୍ୟରେ ଦେଶର ସରକାର ଅଧିକ ଉନ୍ନତି କରିପାରିଛନ୍ତି ।

- ଉପକରଣ ୧ (ବାର୍ତ୍ତାଳାପ ସହଯୋଗୀ) ଦ୍ୱାରା ସ୍ବାର୍କ ଥାଇଲେଣ୍ଡ ସେବା ଯୋଗାଇବା ଲୋକ ମାନଙ୍କ ଭିତରେ ଏବଂ ତାଙ୍କର ଜୀବନ ପ୍ରଣାଳୀ ଏବଂ ଆଚ଼ାର ବ୍ୟବହାରରେ ଅଦ୍ଭୁତ ପରିବର୍ତ୍ତନ ଆଣିପାରିଛନ୍ତି ।

- ଉପକରଣ ୨ (ସମ୍ପର୍କ ସ୍ଥାପନ) କଥୋପକଥନ ଦଳକୁ ସେମାନଙ୍କ ଆଲୋଚ଼ନାରେ ସମ୍ମିଳିତ କଲା ଫଳରେ ଅନେକ ପରିବର୍ତ୍ତନ ଆସିଲା ଏହା ଦ୍ୱାରା ବିଭିନ୍ନ ଅଂଶଧାରକଙ୍କର ପ୍ରାପ୍ତିରେ ଉନ୍ନତି ହେଲା । ଏହି ଦୁଇ ପାକ୍ଷୀକ ସମ୍ପର୍କ ସ୍ଥାପନ ଦ୍ୱାରା ସ୍ବାର୍କ ଏବଂ ଏହାର ଅଂଶିଦାର ମାନେ ଏକାଠି ଶିକ୍ଷା ଲାଭ ଓ ଭାବର ବିନିମୟ କରିପାରିଥିଲେ । ଉପକରଣ ୩ (ଯୋଗାଯୋଗ ବିଷୟରେ) ସାହାଯ୍ୟ କରିଥିଲା କ୍ଷମତା ସମ୍ପର୍କୀୟ ଏବଂ ଖବର ସଂଗ୍ରହ କରିବାରେ । ଏକ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର କର୍ମସୂଚ଼ୀ ଆମ୍ଭମାନଙ୍କୁ ସାହାଯ୍ୟ କରିଥିଲା ବୁଝିବା ପାଇଁ ଯେ ବିଭିନ୍ନ ପ୍ରକାର ଲୋକଙ୍କର ଜୀବନ ପ୍ରଣାଳୀ ବିଷୟରେ ପୁଣି ସରକାରର ନିୟମାବଳି କିପରି ସେମାନଙ୍କର ଜୀବନରେ ପ୍ରଭାବ ପକାଉଛି ।

- ଉପକରଣ ୧ ଏବଂ ୨ ସହିତ ଦୀର୍ଘସ୍ଥାୟୀ ଜୀବିକା ନିର୍ବାହର କର୍ମସୂଚ଼ି ଫିଲିପାଇନସ୍‌ର ମୂଲ୍ୟାଙ୍କନ କର୍ମଶାଳାରେ ଅଂଶ ଗ୍ରହଣକାରୀଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା । ଆଞ୍ଚଳିକ ସରକାରଙ୍କର ଅନୁରୋଧରେ, ଆଞ୍ଚଳିକ ପ୍ରାକୃତିକ ସମ୍ପଦର ପରିଚ଼ାଳନା କାର୍ଯ୍ୟକ୍ରମ ପାଇଁ ଏହାକୁ ବ୍ୟବହାର କରାଗଲା । ଏହା ଦ୍ୱାରା କର୍ମଶାଳାରେ, ଆମ୍ଭମାନଙ୍କୁ କଣ କରିବା ଦରକାର ଏବଂ ପ୍ରକୃତ ଉନ୍ନତିର ଏକ ରୁପରେଖ ତିଆରି ପାଇଁ ପରସ୍ପର ମଧ୍ୟରେ ଭଲ ବୁଝାମଣା ହୋଇପାରିଥିଲା ।
  (ପୃଷ୍ଠା ୭ରେ ଡ଼ି ଜିଜାସ୍ ଓ ବେନ୍‌ତୁଗ ଦ୍ୱାରା ଲେଖନ ଦେଖନ୍ତୁ )

- ଉପକରଣ ୧ (ବାର୍ତ୍ତାଳାପ ସହଯୋଗୀ) ଏବଂ ଏକ ମାନ୍ୟତା ପ୍ରାପ୍ତ କୌଶଳ ପରସ୍ପର ମଧ୍ୟରେ ଅର୍ଥ ବୁଝିବା ପାଇଁ, ଏହାର ବ୍ୟବହାର ଦ୍ୱାରା "ଗୋଷ୍ଠି ପରିଚ଼ାଳିତ ଅଞ୍ଚଳ" ବିଷୟରେ ସ୍ୱଷ୍ଟ ଧାରଣା ହୋଇପାରିଲା । ଇଣ୍ଡୋନେସିଆର ଫେରେଷ୍ଟ୍ରି ସେକ୍ଟର ମଧ୍ୟରେ ବାର୍ତ୍ତାଳାପ ସହଯୋଗୀ ମାନଙ୍କ ଦ୍ୱାରା ଭଲ ଭାବରେ ମତାମତର ଆଦାନ ପ୍ରଦାନ ହୋଇପାରିଲା । (ପୃଷ୍ଠା ୯ରେ ଆଲିଆଡ଼ିର ଲେଖା ଦେଖନ୍ତୁ)

ଏହା ଦେଖାଗଲା ଯେ ଯେତେବେଳେ ସଂସ୍ଥା ଗୁଡ଼ିକ ଖୋଲାଖୋଲି ଭାବରେ ନିଜର ଅସୁବିଧା ଜୀବିକା ନିର୍ବାହ କାର୍ଯ୍ୟକ୍ରମର ଜଟିଳତାକୁ ବୁଝିବେ, ସେତେବେଳେ ସେମାନେ କେବଳ ପନ୍ଥା, ଉପକରଣ ଆଦି ଗଢ଼ିବେ ନାହିଁ ବରଂ ସେମାନେ ଏକ ଶକ୍ତିଶାଳି, ଦୀର୍ଘସ୍ଥାୟୀ ଏବଂ ଭରସାଯୋଗ୍ୟ ସଂପର୍କ ସ୍ଥାପନ କରିପାରିବେ ଯାହାଦ୍ୱାରା ଗୋଷ୍ଠିମାନେ ଓ ସରକାରୀ ସହଯୋଗୀମାନେ ମିଳିମିଶି ପ୍ରଭାବଶାଳି କାର୍ଯ୍ୟ କରିପାରିବେ ।

ଗ୍ରାହମ ହେଲର ହେଉଛନ୍ତି ଷ୍ଟ୍ରୀମ୍‌ର ଡ଼ାଇରେକ୍ଟର ଏବଂ ରୋନେଟ୍ ସନ୍ତୋଷ ହେଉଛନ୍ତି ସ୍ବାର୍କ କୋଡ଼ିନେଟର । ଏମାନଙ୍କର ଠିକଣା – <ghaylor@loxinfo.co.th> ଏବଂ <ronet.santos@vsoint.org>.

# ଷ୍ଟ୍ରିମ୍ ସଂବାଦପତ୍ର ସଂପର୍କରେ

ଷ୍ଟ୍ରିମ **ଦ୍ୱାରା ପ୍ରକାଶିତ –** ଆଞ୍ଚଳିକ ଜଳକୃଷି ସଂପଦର ପରିଚାଳନାକୁ ସହାୟତା
ନେଟ୍ ୱାର୍କ ଅଫ୍ ଆକ୍ୱାକଲ୍‌ଚର୍ ସେଣ୍ଟରସ୍ ଇନ୍ ଏସିଆ – ପାଶିଫିକ୍ (ଏନ୍ ଏ ସି ଏ) ସେକ୍ରେଟେରିଏଟ
ସୁରାସ୍ୱାଦି ବିଲ୍‌ଡିଙ୍ଗ୍
ଡ଼ିପାର୍ଟମେଣ୍ଟ ଅଫ୍ ଫିସେରିଜ୍ କମ୍ପାଉଣ୍ଡ ।
କାସେଟ୍‌ସାର୍ଟ ୟୁନିଭର୍‌ସିଟି କ୍ୟାମ୍ପସ୍
ଲେଡ଼ିଆଓ, ଜାଟୁଜକ୍, ବ୍ୟାଙ୍କକକ୍ ୧୦୯୦୩
ଥାଇଲାଣ୍ଡ

ସଂପାଦକୀୟ ପ୍ରବନ୍ଧ ଦଳ

କାଥ୍ କୋପ୍‌ଲେ, ଷ୍ଟ୍ରିମ କମ୍ୟୁନିକେସନ୍‌ସ ସ୍ପେଶାଲିଷ୍ଟ
ଗ୍ରାହାମ୍ ହେଲର୍, ଷ୍ଟ୍ରିମ ନିର୍ଦ୍ଦେଶକ
ଲି ଥାନ୍‌ହ ଲୁ, ଷ୍ଟ୍ରିମ୍ ଭିଏତ୍‌ନାମ୍ ନ୍ୟାସ୍‌ନାଲ ସହ–ଯୋଜନକାରୀ
ଉଇଲିୟମ୍ ସାଭେଜ୍, ଷ୍ଟ୍ରିମ୍ ଯୋଗାଯୋଗ ବିଶେଷଜ୍ଞ
ସୋନିଆ ସେଭିଲି, ଷ୍ଟ୍ରିମ ଫିଲିପାଇନ୍‌ସ ନ୍ୟାସ୍‌ନାଲ ସହ–ଯୋଜନକାରୀ
ଥାଇ ସୋମନି, ଷ୍ଟ୍ରିମ କାମ୍ବୋଡ଼ିଆ ନ୍ୟାସ୍‌ନାଲ୍ ସହ–ଯୋଜନକାରୀ

**ଉଦ୍ଦେଶ୍ୟ –**

ଷ୍ଟ୍ରିମ ସମ୍ବାଦପତ୍ରର ଚତୁର୍ଥାଂଶ ଅଂଶ ଗ୍ରହଣକୁ ସଂଯୋଗ ସ୍ଥାପନ, ଏବଂ ନିୟମ ଯାହାକି ଏସିଆ – ପ୍ୟାସିଫିକ୍‌ରେ ଥିବା ଦରିଦ୍ର ଜଳକୃଷି ସଂପଦର ଜୀବନ ଧାରଣକୁ ବ୍ୟବହାର କରନ୍ତି ସେମାନଙ୍କୁ ସାହାଯ୍ୟ ଏବଂ ଅଞ୍ଚଳ ମଧ୍ୟରେ ଥିବା ଜଳକୃଷି ସଂପଦର ପରିଚାଳନା ଏବଂ ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟରେ ଥିବା ସଂପର୍କକୁ ଗଢ଼ି ତୋଳିବା କାର୍ଯ୍ୟକୁ ପ୍ରକାଶିତ କଲା । ଷ୍ଟ୍ରିମ ସମ୍ବାଦପତ୍ର ଏହି ପ୍ରଚାରକୁ ଲୁଚାଇ ରଖିଥିଲା ଯେଉଁଥିରେ କି ଲୋକମାନଙ୍କର ଜୀବଶୈଳୀ ଜଳକୃଷି ପରିଚାଳନା ସହ ସଂପୃକ୍ତ ଥିଲା, ଏବଂ ସରକାର, ଅଣ–ସରକାର ଏବଂ ଆନ୍ତର୍ଜାତିକ–ବ୍ୟବହାରକାରୀ ଯେଉଁମାନେ ସଂପ୍ରଦାୟ ସଙ୍ଗେ ମିଶି କାର୍ଯ୍ୟ କରନ୍ତି । ଏହି ପ୍ରଚାର ମଧ୍ୟ ଶିକ୍ଷା, ଦ୍ୱନ୍ଦ ମୂଳକ ପରିଚାଳନା, ସୂଚନା ଏବଂ ସଂପର୍କ ସ୍ଥାପନକାରୀ କଳାକୌଶଳ ସହ ସଂପୃକ୍ତ, ଜଳକୃଷି ସଂପଦର ପରିଚାଳନା, ବ୍ୟବସ୍ଥାପନା, ଜୀବନନିର୍ବାହନ, ମହିଳା, ଅଂଶଗ୍ରହଣ, ଅଂଶଧିକାରୀ, ନୀତିନିୟମ ଏବଂ ସଂଯୋଗ ସହ ସଂପୃକ୍ତ ।

ଷ୍ଟ୍ରିମର ଅନ୍ୟ ଏକ ସମ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଏକ ବ୍ୟବସାୟିକ ପ୍ରତିଷ୍ଠାନ ବାସ୍ତବରେ ଏକ ଶିକ୍ଷାନୁଷ୍ଠାନକୁ ସ୍ୱାଧୀନ ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗକୁ ଆୟୋଜନ କରିବା ।

ଷ୍ଟ୍ରିମ ସମ୍ବାଦପତ୍ରର ସୂଚୀପତ୍ର କେବଳ ନିର୍ଦ୍ଦିଷ୍ଟ ଅନୁଷ୍ଠାନ ବା ସଂସ୍ଥାର ମତାମତକୁ ପ୍ରତିଫଳ କରିବା ନୁହଁ ବରଂ ଏହା ଲୋକମାନଙ୍କର ନିଜର ପାରଦର୍ଶୀତା ଉପରେ ମଧ୍ୟ ପର୍ଯ୍ୟବେସିତ । ଯେତେବେଳେ ଲେଖକମାନେ ସେମାନଙ୍କର ପ୍ରବନ୍ଧ ଉପରେ ଗୁରୁତ୍ୱ ଦିଅନ୍ତି, ସେତେବେଳେ ଷ୍ଟ୍ରିମ ଯେକୌଣସି ସଂପାଦକୀୟ ପକ୍ଷପାତ ଏବଂ ପ୍ରବାଦର ଦାୟୀତ୍ୱକୁ ଗ୍ରହଣ କରିଥାଏ ।

**ବଣ୍ଟନ –**

ଷ୍ଟ୍ରିମ୍ ସଂବାଦପତ୍ର ତିନୋଟି ନିର୍ଦ୍ଦିଷ୍ଟ ପୁସ୍ତକର ଏକତ୍ର ମୁଦ୍ରଣୀୟ ଅଂଶ ଉପରେ ପର୍ଯ୍ୟବେସିତ ।

* ଏକ ବୈଦୁତିକ ପିଡ଼ିଏଫ୍ ବ୍ୟାଖ୍ୟା ଯାହାକି ଷ୍ଟ୍ରିମ୍ କମ୍ୟୁନିକେସନ୍ ହବ୍ ଦ୍ୱାରା ପ୍ରତ୍ୟେକ ଦେଶରେ ପ୍ରକାଶିତ ଏବଂ ବଣ୍ଟନ କରାଯାଇଛି ।
* ଷ୍ଟ୍ରିମ୍ ୱେବସାଇଟରୁ ମିଳିବ : www.streaminitiative.org
* ଏକ ଲିଖିତ ବ୍ୟାଖ୍ୟା ଯାହାକି ନାକା ସେକ୍ରେଟେରୀଏଟ୍ ଦ୍ୱାରା ବଣ୍ଟନ କରାଯାଇଛି ।

**ଯୋଗଦାନ :–**

ଷ୍ଟ୍ରିମ ସଂବାଦପତ୍ର ଜଳକୃଷି ସଂପଦର ବ୍ୟବହାରୀ ମାନଙ୍କର ଉତ୍ସାହର ପ୍ରବନ୍ଧ ଏବଂ ଯେଉଁମାନେ ସେମାନଙ୍କ ସହିତ କାମ କରନ୍ତି ସେମାନଙ୍କୁ ଉତ୍ସାହିତ କରନ୍ତି । ଷ୍ଟ୍ରିମ ସଂବାଦପତ୍ର ମଧ୍ୟ ସଂପ୍ରଦାୟ–ସ୍ତରର ସହଯୋଗି ମାନଙ୍କର ନିଜର ଅନୁଭୂତିକୁ ମଧ୍ୟ ଏହି ପୃଷ୍ଠାରେ ଉଲ୍ଲେଖ କରିବାରେ ସାହାଯ୍ୟ କରେ ।

ପ୍ରବନ୍ଧ ଗୁଡ଼ିକ ସାଧାରଣତଃ ସରଳ ଇଂରାଜୀ ଭାଷାରେ ଲିଖିତ ଏବଂ ଏଥିରେ, ୧,୦୦୦ରୁ ଅଧିକ ଶବ୍ଦ ନଥାଏ ।
ଏହି ଯୋଗଦାନ ଉଇଲିୟମ୍ ସେଭେଜ୍‌ଙ୍କ ଦ୍ୱାରା ତିଆରି କରାଯାଇଛି ।

ଷ୍ଟ୍ରିମ ଜର୍ନାଲ୍ ଏଡ଼ିଟର୍ at<savage@loxinfo.co.th>
ଅଧିକ ସୁଚନା ପାଇଁ ଯୋଗାଯୋଗ କରନ୍ତୁ ଗ୍ରାହାମ୍ ହେଲର୍, ଷ୍ଟ୍ରିମ ଡ଼ାଇରେକ୍ଟର୍ at<ghaylor@loxinfo.co.th>

## ଷ୍ଟ୍ରିମ୍ ସଂପର୍କରେ

ସପୋର୍ଟ ଟୁ ରିଜିଓନାଲ୍ ଏକ୍ୱାଟିକ୍ ରିସୋର୍ସେସ୍ ମ୍ୟାନେଜ୍‌ମେଣ୍ଟ (ଷ୍ଟ୍ରୀମ୍) ନେଟ୍‌ୱାର୍କ ଅଫ୍ ଏକ୍ୱାକଲ୍‌ଚର୍ ସେଣ୍ଟର୍‌ସ ଇନ୍ ଏସିଆ ପ୍ୟାସିଫିକ୍ (ନାକା) ର ପାଞ୍ଚ ବର୍ଷିଆ କାର୍ଯ୍ୟକ୍ରମ ସହ ସ୍ୱେଚ୍ଛାକୃତ ଭାବେ ଜଡ଼ିତ । ଏହାର ଲକ୍ଷ୍ୟ ହେଉଛି ସଂସ୍ଥା ଏବଂ ଅନୁଷ୍ଠାନକୁ ସାହାଯ୍ୟ କରିବା ।

* ସ୍ଥିତି ଅବସ୍ଥାକୁ ବ୍ୟବହାର କରିବା ଏବଂ ପ୍ରସାରଣକୁ ସଫଳ ଭାବେ ଆଗେଇନେବା ।
* ଦରିଦ୍ର ଲୋକମାନଙ୍କର ଜୀବନନିର୍ବାହନକୁ ଭଲ ଭାବେ ବୁଝିବା
* ଦରିଦ୍ର ଲୋକମାନଙ୍କୁ ବିଭିନ୍ନ ନିତି ଏବଂ ଧାରା ଗୁଡିକ ଯାହାକି ତାଙ୍କ ଜୀବନ ଧାରଣ ଉପରେ ପ୍ରଭାବ ପକାଏ ସେଗୁଡ଼ିକ ବିଷୟରେ ସକ୍ଷମ କରାଇବା ।

ଷ୍ଟ୍ରୀମ ଏହି କାର୍ଯ୍ୟ ନିୟମ ଗୁଡ଼ିକର ଉନ୍ନତିକୁ ସାହାଯ୍ୟ କରିବା ଦ୍ୱାରା ଏବଂ ଧ୍ୟାନ କରିବାର ଧାରା ଗୁଡ଼ିକର ଅନୁଷ୍ଠାନ ଏବଂ କ୍ଷମତା ବୃଦ୍ଧିକରଣ ଦ୍ୱାରା କରିପାରିବ ।

* ଦରିଦ୍ର ଲୋକମାନଙ୍କର ଉପରେ ପ୍ରଭାବ ପକାଉଥିବା ଜଳ କୃଷି ସଂପଦ ପରିଚ଼ାଳନା ପ୍ରଚ଼ାରକୁ ଚ଼ିହ୍ନଟ କରିବା ।
* ବିଭିନ୍ନ ପରିଚ଼ାଳନା ପ୍ରବେଶ ଉପାୟର ନେତୃତ୍ୱ ନେବା ଏବଂ ମୂଲ୍ୟ ନିରୁପଣ କରିବା ।
* ସୂଚ଼ନାକୁ ପ୍ରସାରିତ କରିବା ଏବଂ
* ଦେଶ ଏବଂ ବିଭାଗ ଗୁଡ଼ିକ ମଧ୍ୟରେ ସଂମ୍ପର୍କ ସ୍ଥାପନ ।

ଷ୍ଟ୍ରୀମ ସ୍ୱେଚ୍ଛାପୂର୍ବକ ଅଂଶିଦାର, ଉପରେ ପର୍ଯ୍ୟବେସିତ ଯେଉଁ ମାନେ କି ନାକାକୁ ସାହାଯ୍ୟ କରୁଛନ୍ତି । ଏହା ଏକ ପ୍ରବେଶର ଉପାୟ ଅନ୍ତର୍ଗତକୁ ଗ୍ରହଣ କରିସାରିଛି ।

ଅଂଶୀଦାରୀ କାର୍ଯ୍ୟ ଜାତୀୟ ସହ ସଂମ୍ପର୍କ ସ୍ଥାପନକାରୀ (ଜଣେ ବରିଷ୍ଠ ସହଯୋଗୀ ସରକାରଙ୍କ ସହିତ) ଏବଂ ଜଣେ ସଂଯୋଗ ସ୍ଥାପନକାରୀ କେନ୍ଦ୍ର ପରିଚ଼ାଳକ (ପୂର୍ଣ୍ଣ–ସମୟ ନିୟୋଜିତ ଜଣେ ଜାତୀୟ ସହଯୋଗୀ ଷ୍ଟ୍ରୀମ ଦ୍ୱାରା ପ୍ରଥମ ଦୁଇ ବର୍ଷ ସାହାଯ୍ୟ କରିଥିଲେ ) ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କର ଏକ ସଂମ୍ପର୍କ ସ୍ଥାପନକାରୀ ସୀମା ଦ୍ୱାରା ପ୍ରତ୍ୟେକ ରାଜ୍ୟରେ ସହସମ୍ବନ୍ଧିତ ଭାବେ କାର୍ଯ୍ୟ କରେ । ସଂଯୋଗ ସ୍ଥାପନକାରୀ କେନ୍ଦ୍ର କଠିନ ଧାତୁଦ୍ରବ୍ୟ, ନମନୀୟ ଧାତୁ ଦ୍ରବ୍ୟ, ତାଲିମ୍, ସୂଚ଼ନା କୌଶଳ ସାହାଯ୍ୟ, ଏବଂ ସମ୍ପର୍କ ଏବଂ ମାନବିକ ସମ୍ବଳର ସହଯୋଗ ଏବଂ ଜାତୀୟ ଅଂଶାଧିକାରୀ ମାନଙ୍କ ସହ ଆଞ୍ଚଳିକ ସଂମ୍ପର୍କ ସହ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା ।

ଜାତୀୟ ସହ ସମ୍ବନ୍ଧ ବାର୍ଷିକ ସମୀକ୍ଷା ହେଉଥିବା କଣ୍ଟ୍ରି ଷ୍ଟ୍ରାଟେଜୀ ପେପର୍ (ସି ଏସ୍ ପି) ଦ୍ୱାରା ପ୍ରଥ ପ୍ରଦର୍ଶିତ ହୋଇଥିଲା ଯାହାକି ଅଂଶୀଦାର ମାନଙ୍କ ସହାୟତାରେ ସହ ସମ୍ବନ୍ଧକାରୀ ଏବଂ କେନ୍ଦ୍ର ପରିଚ଼ାଳକଙ୍କ ଦ୍ୱାରା ଅଙ୍କିତ, ଯେଉଁମାନଙ୍କ ଦ୍ୱାରା ସେମାନେ ଧାରାବାହିକ ଭାବେ ସଂପର୍କ ସ୍ଥାପନ କରିପାରନ୍ତି ।

ସି ଏସ୍ ପି ମୁଖ୍ୟ ପ୍ରଚ଼ାର, ଆଞ୍ଚଳିକ ସଂପର୍କ ଗୁଡ଼ିକୁ ପ୍ରତିଫଳନ, ମୁଖ୍ୟ କାର୍ଯ୍ୟଗୁଡ଼ିକର ପ୍ରସ୍ତାବ ସମୁହ ଏବଂ ଷ୍ଟ୍ରୀମ୍ ଦ୍ୱାରା ଏବଂ ଅନ୍ୟ ଉପାୟରୁ ଗ୍ରହଣ କରିଥିବା ପୁଞ୍ଜିକୁ (ଷ୍ଟ୍ରୀମର ସହଯୋଗରେ) ଚ଼ିହ୍ନଟ କରେ ।

ଷ୍ଟ୍ରୀମର ଆଞ୍ଚଳିକ କାର୍ଯ୍ୟାଳୟ (ବ୍ୟାଙ୍କକକ୍‌ରେ ଥିବା ନାକା ସେକ୍ରେଟେରୀଏଟ୍‌ରେ) ସେଚ୍ଛାପୂର୍ବକ ଭାବେ ଆଞ୍ଚଳିକ ସହସଂଯୋଗ କାର୍ଯ୍ୟ ସମେତ, ପୁଞ୍ଜି ଏବଂ ଦ୍ୱନ୍ଦ ମୂଳକ କାର୍ଯ୍ୟର ପରିଚ଼ାଳନା କରେ ଯାହାକି ଜୀବିକା ନିର୍ବାହନ, ଅନୁଷ୍ଠାନ, ନିତି ଉନ୍ନୟନ ଏବଂ ସଂଯୋଗ ହେଉଛି ଷ୍ଟ୍ରିମ୍‌ର ଚ଼ାରୋଟି ସମାପ୍ତ ସାରାଂଶ ଉପରେ ପର୍ଯ୍ୟବେସିତ ।

ଷ୍ଟ୍ରୀମର ସ୍ଥାପନା ଏକ ପୁନରୁକ୍ତି ପ୍ରକ୍ରିୟା, ବର୍ତ୍ତମାନ ସ୍ୱେଚ୍ଛା ପୂର୍ବକ କାମ୍ବୋଡ଼ିଆ, ଭାରତ, ଇଣ୍ଡୋନେସିଆ, ଲାଓ ପିଡ଼ିଆର, ମିଆମାର୍ ନେପାଳ, ଭିଏତ୍‌ନାମ୍, ଫିଲିପାଇନ୍‌ସ, ଭିଏତ୍‌ନାମ ଏବଂ ୟୁନାନ୍ ଚ଼ାଇନା ଏସିଆ–ପ୍ୟାସିଫିକ୍ ମଧ୍ୟରେ ବିସ୍ତାରିତ ଭାବେ କାର୍ଯ୍ୟ କରୁଛି । ଯେଉଁ ଠାରେ ଦାରିଦ୍ରକୁ ସମ୍ଭାଳିଥାଏ ଏବଂ ଉତ୍ତମ ପରିଚ଼ାଳନାକୁ ସାହାଯ୍ୟ କରିଥାଏ ଯେଉଁଠାରେ ଅନୁଭୂତି ଲାଭ କରାଯାଏ । ଶିକ୍ଷା ଗ୍ରହଣ କରିବାକୁ ପଡ଼େ, ବଳକା ପୁଞ୍ଜି ସୁରକ୍ଷିତ ରହେ । ଷ୍ଟ୍ରୀମର ଯୋଗାଯୋଗ କୌଶଳର ଲକ୍ଷ୍ୟ ହେଉଛି ସଂପ୍ରଦାୟର ଜ୍ଞାନକୌଶଳକୁ ବୃଦ୍ଧି କରି ସେହି କାର୍ଯ୍ୟର ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି ଏବଂ ସେହି କାର୍ଯ୍ୟରୁ ସେମାନେ ଯାହା ଶିକ୍ଷା ଗ୍ରହଣକରୁଛନ୍ତି ତାହାକୁ ସମଗ୍ର ଏସିଆ–ପ୍ୟାସିଫିକ୍‌ରେ ବିସ୍ତାରିତ ଭାବେ ପ୍ରଚ଼ାର କରୁଛନ୍ତି । ଷ୍ଟ୍ରୀମ୍ ସମ୍ବାଦପତ୍ର ଏବଂ ଷ୍ଟ୍ରୀମ ୱେବସାଇଟ୍ ହେଉଛନ୍ତି ଏହି ସମର କୌଶଳ ଦୁଇଟି ଅଂଶ ।

ଷ୍ଟ୍ରୀମ କମ୍ୟୁନିକେସନ୍ ହବ୍ ମ୍ୟାନେଜର

| | | |
|---|---|---|
| କାମ୍ବୋଡ଼ିଆ | ସେମ୍ ଭିର୍‌ୟାକ୍ | <cfdo@camnet.com.kh> |
| ଇଣ୍ଡିଆ | ରୁବୁ ମୁଖାର୍ଜୀ | <rubumukherjee@redifmail.com> |
| ଇଣ୍ଡୋନେସିଆ | ଆନିଜା ସୁସ୍ମିତା | <indostream@perikanan-budidaya.go.id> |
| ମିୟାମାର୍ | ଖୀନ୍ ମାଉଙ୍ଗ ସୋଇ | <DOF@mptmail.net.com> |
| ନେପାଲ୍ | ନୀଳକଣ୍ଠ ପୋଖ୍‌ରେଲ୍ | <agroinfo@wlink.com.np> |
| ଫିଲିପାଇନ୍‌ସ | ଏଲିଜାବେଥ୍ କୋନ୍‌ଜେଲେସ୍ | <streambfar-phil@skyinet.net> |
| ଭିଏତ୍‌ନାମ୍ | ଏନ୍‌ଗୁୟେନ୍ ସଙ୍ଗ୍ ହା | <streamsapa@vietel.com.vn> |
| ୟୁନାନ୍, ଚ଼ାଇନା | ସୁସାନ୍ ଲି | YNYYCN@KM169.net,blueseven@mail.china.com> |

ଆକାର – ୧ : କଥପୋକଥନ ଦଳ ଚ଼ିହ୍ନଟ କରିବା

**ପ୍ରଶ୍ନ ଦ୍ୱାରା ଆରମ୍ଭ କରିବା :**

→ କିଏ କଥପୋକଥନ ଦଳ ହୋଇ ପାରିବ ?

→ କଥପୋକଥନର ଉଦ୍ଦେଶ୍ୟ କଣ ?

● କଥପୋକଥନ ଦଳ ଚ଼ିହ୍ନଟ କରିବା ଓ ବାର୍ତ୍ତାଳାପର ଉଦ୍ଦେଶ୍ୟ ଜାଣିବା ।

ଆକାର – ୨ : ଅର୍ଥକୁ ପରସ୍ପର ମଧ୍ୟରେ ବୁଝିବା

**ଆକାର ୧ର ଫଳାଫଳ ଦ୍ୱାରା ଆରମ୍ଭ କରିବା :**

→ କଥପୋକଥନ ଦଳକୁ ପରିଷ୍କାର ଭାବରେ ଚ଼ିହ୍ନଟ କରିବା ।

→ ବାର୍ତ୍ତାଳାପର ଉଦ୍ଦେଶ୍ୟକୁ ବୁଝିବା ।

● ସମସ୍ତ କଥପୋକଥନ ଦଳକୁ ଏକତ୍ରିତ କରିବା ।

● ଅର୍ଥକୁ ପରସ୍ପର ମଧ୍ୟରେ ବୁଝିବା ପାଇଁ, ଆଲୋଚ଼ନା କରିବା ଏବଂ ଏକ କୌଶଳରେ ସମସ୍ତେ ଏକମତ ହେବା ।

ଆକାର – ୩ : ପରସ୍ପର ମଧ୍ୟରେ ବୁଝାମଣା

**ଆକାର ୨ର ଫଳାଫଳ ଦ୍ୱାରା ଆରମ୍ଭ କରିବା :**

→ ଅର୍ଥକୁ ପରସ୍ପର ମଧ୍ୟରେ ବୁଝିବା ପାଇଁ ଏକ କୌଶଳରେ ଏକମତ ହେବା ।

● ଆସୁ ପରସ୍ପର ମଧ୍ୟରେ ବୁଝାମଣା କରୁ ଏବଂ ପରସ୍ପରର ବୁଝାମଣା ସନ୍ଦର୍ଭରେ ଅଧିକ ଜାଗ୍ରତ ହେଉ ।

● ପରବର୍ତ୍ତୀ ପଦକ୍ଷେପ ପାଇଁ ଆଲୋଚ଼ନା କରୁ ଓ ଏକମତ ହେଉ ।

ଉପକରଣ – ୧ :
କଥପୋକଥନ ସହକର୍ମୀ

ଉପକରଣ – ୨
ସମ୍ପର୍କ ସ୍ଥାପନ

ଉପକରଣ – ୩
ଯୋଗାଯୋଗର ସୂତ୍ର

ଉପକରଣ – ୪
ଭାଷା ଏବଂ ପରମ୍ପରାଗତ କଥା

ଉଦାହରଣ

ଗଳ୍ପ

ଶବ୍ଦକୋଷ

ପଦ୍ଧତି

ବ୍ୟାଖ୍ୟାନ

ସମ୍ପଦ

